

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୧ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 APRIL 2023

Vol.No. 34 ■ No. 104 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାହୁଲ ଗାନ୍ଧୀ ନିରାଶ, ଆବେଦନ ଖାରଜ କଲେ ସୁରଟ ସେସନ୍ କୋର୍ଟ



ନୂଆଦିଲ୍ଲୀ, ୨୦/୦୪ : କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଡୁଆ ଥମିବାର ନାଁ ନେଉନାହିଁ । ମୋଦୀ ସାଙ୍ଗିଆ ମାନହାନୀ ମାମଲାରେ ରାହୁଲ ଗାନ୍ଧୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି ସୁରଟ ସେସନ୍ସ କୋର୍ଟ । ମାନହାନୀ ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିଷ୍ପତିକୁ ଚ୍ୟାଲେଞ୍ଜ କରିଥିଲେ କଂଗ୍ରେସର ପୂର୍ବତନ ସାଂସଦ । ମୋଦୀ ସାଙ୍ଗିଆ ମାମଲାରେ ତଳ କୋର୍ଟ ରାହୁଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି, ଯାହାକୁ ସେସନ୍ସ କୋର୍ଟ କାଏମ ରଖିଛନ୍ତି । ଏହି ମାମଲାରେ ରାହୁଲଙ୍କୁ ୨ ବର୍ଷର ଜେଲ ଦଣ୍ଡାଦେଶ ମିଳିଛି । ୨୦୧୯ ମସିହାରେ 'ମୋଦୀ ସାଙ୍ଗିଆ'କୁ ନେଇ ରାହୁଲ ଦେଇଥିବା ବିବାଦୀୟ ବୟାନ ମାମଲାରେ ରାହୁଲଙ୍କୁ ୨ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଥିଲେ ସୁରଟ ତଳ କୋର୍ଟ । ଏହାକୁ ଚ୍ୟାଲେଞ୍ଜ କରି ଗତ ଏପ୍ରିଲ ୨ ତାରିଖରେ ସୁରଟର ଉପର କୋର୍ଟରେ ଦୁଇଟି ଆବେଦନ କରିଥିଲେ ରାହୁଲ । ପ୍ରଥମ ଆବେଦନରେ ଦଣ୍ଡାଦେଶ ଉପରେ ରହିତାଦେଶ ଜାରି ରଖିବାକୁ ଦାବି କରାଯାଇଥିଲା । ଦ୍ୱିତୀୟ ଆବେଦନରେ କୋର୍ଟଙ୍କ ରାୟ ଉପରେ ରହିତାଦେଶ ଜାରି କରିବା ପାଇଁ ଆବେଦନ କରାଯାଇଥିଲା । ଗତ ୧୩ ତାରିଖରେ ଅତିରିକ୍ତ ସେସନ୍ ଜଜ୍ ଆରପି ମୋଗେରା ରାହୁଲଙ୍କ ଆବେଦନର ଶୁଣାଣି କରି ଏପ୍ରିଲ ୨୦ ତାରିଖ ପାଇଁ ଶୁଣାଣିକୁ ସଂରକ୍ଷିତ ରଖିଥିଲେ । ସୁରଟ ସେସନ୍ସ କୋର୍ଟଙ୍କ ଦଣ୍ଡାଦେଶ ପରେ ସାଂସଦ ପଦ ହରାଇଛନ୍ତି ରାହୁଲ । କେବଳ ସେତିକି ନୁହେଁ, ଏଥିପାଇଁ ତାଙ୍କୁ ନିଜ ସରକାରୀ ବାସଭବନ ମଧ୍ୟ ଖାଲି କରିବାକୁ ପଡିଛି । ଜନପ୍ରତିନିଧି ଆଇନ ଅନୁସାରେ ରାହୁଲ ଗାନ୍ଧୀଙ୍କୁ ନିଜ ସାଂସଦ ପଦ ହରାଇବାକୁ ପଡିଛି । ଯଦି ହାଇକୋର୍ଟ ଦଣ୍ଡାଦେଶ ଉପରେ ରହିତାଦେଶ ଲଗାନ୍ତି, ତାହାଲେ ପୁଣିଥରେ ତାଙ୍କ ସାଂସଦ ପଦ ଫେରିପାରେ।

## ଟଙ୍କଧରଙ୍କ ପାଇଁ ପ୍ରଚାର କରିବେ ଧର୍ମେନ୍ଦ୍ର, ଅଶ୍ୱିନୀ, ବିଶ୍ୱେଶ୍ୱର

ନୂଆଦିଲ୍ଲୀ, ୨୦/୦୪ : ଝାରସୁଗୁଡା ଉପ ନିର୍ବାଚନ ପାଇଁ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କଲା ଭାରତୀୟ ଜନତା ପାର୍ଟି । ଗୁରୁବାର ଦଳ ପକ୍ଷରୁ ଉପ ନିର୍ବାଚନ ପାଇଁ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରାଯାଇଛି । ତେବେ ଟଙ୍କଧର ପାଇଁ ଏଥର ପ୍ରଚାର କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ବିଶ୍ୱେଶ୍ୱର ଟୁଡୁ । ବିଜେପି ପକ୍ଷରୁ ଘୋଷଣା କରାଯାଇଥିବା ଷ୍ଟାର ପ୍ରଚାରକ ତାଲିକାରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ସାଂସଦ ଜୁଏଲ୍ ଓରାମ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବୈଜୟନ୍ତ ପଣ୍ଡା, ଅଶ୍ୱିନୀ ବୈଷ୍ଣବ, ଜୟ ନାରାୟଣ ମିଶ୍ର, ବିଶ୍ୱେଶ୍ୱର ଟୁଡୁ ରହିଛନ୍ତି । ତାଙ୍କ ସହିତ ସାଂସଦ ପ୍ରତାପ ଷଡଙ୍ଗୀ, ସୁନୀଲ ବଂଶଲ, ଡି ପୁରନ୍ଦେଶ୍ୱର ମଧ୍ୟ ଟଙ୍କଧର ପାଇଁ ଉପ ନିର୍ବାଚନରେ ପ୍ରଚାର କରିବେ । ଏହାବାଦ୍ ବିଜୟପାଲ ସିଂହ ତୋମାର, ସମୀର ମହାନ୍ତି, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, କନକ ବର୍ଦ୍ଧନ ସିଂହଦେଓ, ସଙ୍ଗୀତା ସିଂହଦେଓ, ଅପରାଜିତା ଷଡଙ୍ଗୀ, ନିତେଶ ଗଙ୍ଗଦେବ, ମୋହନ ଚରଣ ମାଝୀ, ନାଉରୀ ନାୟକ, ସମ୍ବିତ ପାତ୍ରଙ୍କ ଭଳି ନେତା ଏଥର ପ୍ରଚାର ମୈଦାନକୁ ଓହ୍ଲାଇବେ । ତା ସହିତ ଖାରବେଳ ସ୍ୱାଇଁ, ସୁରମା ପାଢୀ, ସୂର୍ଯ୍ୟବଂଶୀ ସୁରଜ, ଦିନେଶ ଜୈନ ମଧ୍ୟ ଟଙ୍କଧର ପାଇଁ ଝାରସୁଗୁଡାରେ ପ୍ରଚାର କରିବେ । ନବ ଦାସଙ୍କ ଦେହାନ୍ତ ପରେ ଝାରସୁଗୁଡାରେ ଉପ ନିର୍ବାଚନ ହେଉଛି । ଏଥର ଉପ ନିର୍ବାଚନରେ ବିଜେଡି ନବଙ୍କ ଝିଅ ଦୀପାଳିକୁ ପ୍ରାର୍ଥୀ କରିଥିବାବେଳେ, ବିଜେଡିକୁ ଟକ୍କର ଦେବାକୁ ବିଜେପି ଟଙ୍କଧରଙ୍କୁ ପ୍ରାର୍ଥୀ କରିଛି । ତେବେ ଆସନ୍ତା ମେ ୧୦ ତାରିଖରେ ଝାରସୁଗୁଡା ଉପ ନିର୍ବାଚନ ଭୋଟ୍ ପଡିବାକୁ ଥିବାବେଳେ, ମେ ୧୩ରେ ଆସିବ ରେଜଲ୍ଟ ।

## କେମିତି ହୋଇଥିଲା ଅତିକ-ଅଶରଫଙ୍କ ହତ୍ୟା: ଘଟଣାସ୍ଥଳରେ ହେଲା ସିନ୍ ରିକ୍ରିଏସନ୍



ନୂଆଦିଲ୍ଲୀ, ୨୦/୦୪ : ଉତ୍ତର ପ୍ରଦେଶର ପ୍ରୟାଗରେ ଗତ ଏପ୍ରିଲ ୧୫ ତାରିଖ, ରାତି ପ୍ରାୟ ସାଢ଼େ ୧୦ଟା ବେଳେ କୁଖ୍ୟାତ ମାଫିଆ ଅତିକ ଅହମ୍ମଦ ଓ ଅଶରଫଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ପ୍ରୟାଗରାଜର କଲୱିନ ହସ୍ପିଟାଲକୁ ଅତିକ-ଅଶରଫଙ୍କୁ ମେଡିକାଲ ଯାଞ୍ଚ ପାଇଁ ଅଣାଯାଇଥିଲା । ଆଉ ସେହି ସ୍ଥାନରେ ଉଭୟଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଏବେ ସେହି ସ୍ଥାନରେ ପୁଣିଥରେ ପୂରା ଘଟଣାର ପୁନରାବୃତି କରାଯାଇଛି । ପୋଲିସ ଜିପୁ ଅତିକକୁ ବାହାରକୁ ଆଣିବା ଠାରୁ ନେଇ ଶୁଟରଙ୍କ ଆତ୍ମସମର୍ପଣ କରିବା ପର୍ଯ୍ୟନ୍ତ ପୂରା କ୍ରାଇମସିନ୍ ଏସଆଇଟି ଓ ଜୁଡିସିଆଲ କମିଶନ ଟିମର ଉପସ୍ଥିତିରେ ରିକ୍ରିଏଟ୍ କରାଯାଇଛି । ପ୍ରୟାଗରାଜର କଲୱିନ ହସ୍ପିଟାଲ ସାମ୍ନାରୁ ଆସୁଥିବା ଚିତ୍ରରୁ ଦେଖାଉଛି ଯେ, ଅତିକକୁ କିପରି ହତ୍ୟା କରାଯାଇଥିଲା । ସାମ୍ବାଦିକଙ୍କ ଭିଡ଼ ଭିତରେ ପଗଡ଼ି ପିନ୍ଧିଥିବା ଦୁଇଜଣ ବ୍ୟକ୍ତି । ହଠାତ୍ ପାର୍ଶ୍ୱରୁ କିଛି ଶୁଟର ମାଡ଼ି ଆସି ଅତିକ ଓ ଅଶରଫର ମୁଣ୍ଡକୁ ଗୁଳି ମାରିଥିଲେ । ଆଉ ଏହା ପରେ ତିନି ଆକ୍ରମଣକାରୀଙ୍କ ଆତ୍ମସମର୍ପଣ । ଏହି ପୂରା ଘଟଣା ପୁଲିସ ଅଧିକାରୀଙ୍କ ଦ୍ୱାରା କରାଯାଇଛି । ଏହି ଚିତ୍ର ଦର୍ଶାଉଛି ଯେ କ୍ରାଇମସିନ୍ କିପରି ରିକ୍ରିଏଟ୍ କରାଯାଏ । କିପରି ରାତିର ଅନ୍ଧାରରେ ହୋଇଥିବା ଘଟଣା, ଦିବାଲୋକରେ ପୁଣିଥରେ ନାଟକୀୟ ଢଙ୍ଗରେ ପ୍ରଦର୍ଶିତ କରାଯାଇଛି । ଯେଉଁ ସ୍ଥାନରେ ଅତିକ ଓ ଅଶରଫର ହତ୍ୟା ହୋଇଥିଲା, ସେଠାରେ ପ୍ରଥମେ ପହଞ୍ଚିଥିଲା ବିଚାରବିଭାଗୀୟ ଆୟୋଗ ଟିମ୍ । ଏହା ପରେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ପୂରା କ୍ରାଇମସିନ୍ ରିକ୍ରିଏଟ୍ କରାଯାଇଥିଲା । କ୍ରାଇମସିନ୍ ରିକ୍ରିଏଟ୍ ପରେ ଏସବୁ ପ୍ରଶ୍ନର ଉତ୍ତର ମିଳିବାର ସମ୍ଭାବନା ରହିଛି । ତେବେ ଏହି ପୂରା ଘଟଣାକ୍ରମ ପାଇଁ ଅତିକର ସେହି ତିନି ହତ୍ୟାକାରୀଙ୍କୁ ଅଣାଯାଇନାହିଁ । ବର୍ତ୍ତମାନ ତିନି ଅଭିଯୁକ୍ତ ଜେଲରେ ଅଛନ୍ତି । ହେଲେ ବର୍ତମାନ ଯେଉଁ ବଡ଼ କଥା ସାମ୍ନାକୁ ଆସିଛି ତାହା ହେଉଛି, ଅତିକ ଓ ଅଶରଫଙ୍କୁ ହତ୍ୟା ପାଇଁ ସ୍କ୍ରିପ୍ଟ ପ୍ରସ୍ତୁତ କରାଯାଇଥିଲା । ଆଉ ଏହି ସ୍କ୍ରିପ୍ଟ ପଛରେ କାହାର ହାତ ରହିଛି, ତା'ର ତଦନ୍ତରେ ଲାଗିପଡ଼ିଛି ପୋଲିସ ।

## ଆଜି ଠାରୁ ସ୍କୁଲ ପିଲାଙ୍କ ପାଇଁ ଖରା ଛୁଟି

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଆସନ୍ତାକାଲି ଠାରୁ ଖରା ଛୁଟି ଘୋଷଣା। ଅପ୍ରେଲ ୨୧ ତାରିଖ ଠାରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଭିଷଣ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପିଲାମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ବେସରକାରୀ ସ୍କୁଲ ଓ ଅଙ୍ଗନବାଡୀ କେନ୍ଦ୍ର ବନ୍ଦ ରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ହିଁ ସ୍କୁଲ ଗୁଡିକ ଖୋଲାଯିବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଦିନ ତାପମାତ୍ରାରେ ଅତ୍ୟାଧିକ ବୃଦ୍ଧି ଯୋଗୁ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହେଉଛି। ରାଜ୍ୟର କେତେକ ସହରର ତାପମାତ୍ରା ଦେଶର ସର୍ବାଧିକ ତାପମାତ୍ରା ରହୁଥିବା ସହରମାନଙ୍କ ତାଲିକାରେ ରହୁଛି । ତେଣୁ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଅନ୍ୟ ପକ୍ଷରେ ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଛନ୍ତି ଯେ ରାଜ୍ୟରେ ଭୀଷଣ ଗମ ପଡୁଥିବାରୁ ପ୍ରବଳ ତାତିକୁ ଆଖିରେ ରଖି ମୁଖ୍ୟମନ୍ତ୍ରୀ ଛୁଟି ନିର୍ଦ୍ଦେଶ ଦେଇଥିବା ଶ୍ରୀ ଦାଶ କହିଛନ୍ତି । ସେ କହିଛନ୍ତି ଯେ ପୂର୍ବ କ୍ୟାଲେଣ୍ଡର ଅନୁସାରେ ଜୁନ୍ ୧୬ ପର୍ଯ୍ୟନ୍ତ ସ୍କୁଲ୍ ଛୁଟି ରହିବ । ସେ କହିଛନ୍ତି ଯେ ସ୍କୁଲ ଖୋଲିବା ନେଇ ଯଦି କିଛି ପରିବର୍ତ୍ତନ ଆବଶ୍ୟକ ପଡ଼େ ନିଷ୍ପତ୍ତି ହେବ । ସେ କହିଛନ୍ତି ଯେ ବର୍ତ୍ତମାନର ନିଷ୍ପତ୍ତି ଅନୁସାରେ ଜୁନ୍ ୧୬ ଯାଏଁ ସ୍କୁଲ ବନ୍ଦ ରହିବ । ସେହିପରି ଆସନ୍ତା କାଲି ପୂର୍ବ ନିଷ୍ପତ୍ତି ▶▶ପୃଷ୍ଠା ୭

## ଦୀପାଳିଙ୍କ ପାଇଁ ପ୍ରଚାର କରିବେ ନବୀନ : ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କଲା ବିଜେଡି



ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଝାରସୁଗୁଡା ଉପ ନିର୍ବାଚନ ପାଇଁ ବିଜେଡିର ଷ୍ଟାର ପ୍ରଚାରକ ତାଲିକା ଘୋଷଣା । ଦୀପାଳିଙ୍କ ପାଇଁ ପ୍ରଚାର କରିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ଗୁରୁବାର ବିଜୁ ଜନତା ଦଳ ଝାରସୁଗୁଡା ଉପ ନିର୍ବାଚନ ପାଇଁ ନିଜର ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି । ଯେଉଁଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଓ ମନ୍ତ୍ରୀ, ବିଧାୟକ ରହିଛନ୍ତି । ବିଜେଡି ପକ୍ଷରୁ ଘୋଷଣା କରାଯାଇଥିବା ଷ୍ଟାର ପ୍ରଚାରକ ତାଲିକାରେ ନବୀନଙ୍କ ସହିତ ପ୍ରଣବ ପ୍ରକାଶ ଦାଶ, ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସାରଦା ପ୍ରସାଦ ନାୟକ, ନିରଞ୍ଜନ ପୂଜାରୀ, ଅଶୋକ ପଣ୍ଡା, ପଦ୍ମନାଭ ବେହେରା, ସୁଶାନ୍ତ ସିଂହ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଅରୁଣ ସାହୁ ଓ ପ୍ରତାପ ଜେନା ରହିଛନ୍ତି । ତାଙ୍କ ସହିତ ସେହ୍ନାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପ୍ରଶାନ୍ତ ମୁଦୁଲି, ପୁଷ୍ପେନ୍ଦ୍ର ସିଂହଦେଓ, ଦିବ୍ୟଶଙ୍କର ମିଶ୍ର, ରୀତା ସାହୁ, ଅଳକା ମହାନ୍ତି, ଚନ୍ଦ୍ରସାରଥୀ ବେହେରା, ବ୍ରଜକିଶୋର ପ୍ରଧାନ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ବିକ୍ରମ କୁମାର ପଣ୍ଡା, ନଳିନୀ କାନ୍ତ ପ୍ରଧାନ, ସରୋଜ ମେହେର ପ୍ରଚାର କରିବେ । ସୂଚନାଯୋଗ୍ୟ ଯେ, ନବ ଦାସଙ୍କ ଦେହାନ୍ତ ପରେ ଝାରସୁଗୁଡାରେ ହେଉଛି ଉପ ନିର୍ବାଚନ । ଏହି ଉପ ନିର୍ବାଚନରେ ନବଙ୍କ ଝିଅ ଦୀପାଳିକୁ ପ୍ରାର୍ଥୀ କରିଛି ବିଜେଡି । ଆସନ୍ତା ମେ ୧୦ରେ ଝାରସୁଗୁଡା ଭୋଟ୍ ପଡିବାକୁ ଥିବାବେଳେ, ମେ ୧୩ରେ ଆସିବ ରେଜଲ୍ଟ ।

## ସମ୍ବଲପୁରରେ ଇଣ୍ଟରନେଟ୍ ଫେଲ



ଭୁବନେଶ୍ୱର, ୨୦/୦୪ (ନି.ପ୍ର): ସମ୍ବଲପୁରରେ କର୍ଫ୍ୟୁ ବଳବତ୍ତର ରହିବା ଓ ଇଂଟରନେଟ ସେବା ବନ୍ଦ ରହିବାର ପାର୍ଶ୍ୱ ପ୍ରଭାବ ଦେଖିବାକୁ ମିଳିଛି । ୭ ଦିନ ହେବ ସହରରେ ଇଂଟରନେଟ୍ ସେବା ବନ୍ଦ ଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ । ବିଶେଷକରି ଯେଉଁମାନେ ଅନଲାଇନରେ କାମ କରନ୍ତି, ସେମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଆଉ କାମ କରିବା ପାଇଁ ଏବେ ବରଗଡ ମୁହାଁ ହୋଇଛନ୍ତି । ବରଗଡ ସହରର ବିଭିନ୍ନ ହୋଟେଲରେ ରହି ଅନଲାଇନରେ କାମ କରୁଛନ୍ତି । କେବଳ ଅନ୍ଲାଇନ୍ କାମ ପାଇଁ ନୁହେଁ, ଯେଉଁମାନେ ଅନଲାଇନରେ ପାଠ ପଢୁଛନ୍ତି, ସେମାନେ ମଧ୍ୟ ବରଗଡ ଆସି ହୋଟେଲ୍ରେ ରହି ପାଠ ପଢୁଥିବା କହିଛନ୍ତି ହୋଟେଲ ବ୍ୟବସାୟୀ । କୁଚିଣ୍ଡାରେ ମଧ୍ୟ ଇଂଟରନେଟ୍ ବନ୍ଦ ରହିଥିବାରୁ, ସେହି ଅଂଚଳର ଲୋକେ ଝାରସୁଗୁଡାର ମାଲିଡିହି ଅଂଚଳର ରାସ୍ତାକଡରେ ବସି ନେଟ୍ ଖୋଜୁଥିବା ଦେଖିବାକୁ ମିଳିଛି । କିଏ ଗଛ ମୂଳେ ବସି କାମ କରୁଛି ତ ଆଉ କିଏ ରାସ୍ତାକଡରେ ବସି ମୋବାଇଲ ଓ ଲାପଟପରେ କାମ କରୁଛନ୍ତି । କେବଳ ସାଧାରଣ ଲୋକ ନୁହଁନ୍ତି, ଇଂଟରନେଟ ଆସୁନଥିବାରୁ ଜିଲ୍ଲାର ପଡୋଶୀ ବରଗଡ ଜିଲ୍ଲାକୁ ଯାଇ କାମ କରୁଛନ୍ତି ସରକାରୀ କର୍ମଚାରୀ । ସରକାରୀ କାମ କରିବା ପାଇଁ ସମ୍ବଲପୁର ପୌର ପରିଷଦର କର୍ମଚାରୀଙ୍କୁ ଇଂଟରନେଟ୍ ସୁବିଧା ସହ ସ୍ୱତନ୍ତ୍ର କୋଠରୀ ଯୋଗାଇ ଦେଇଛି ବରଗଡ଼ ପୌର ପରିଷଦ । ସମ୍ବଲପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରଖିଛି ପ୍ରଶାସନ । ଲଗାତାର ଭାବେ ଦୁଇ ସମ୍ପ୍ରଦାୟର ଲୋକମାନଙ୍କୁ ନେଇ ଆଲୋଚନା କରୁଛି ଜିଲ୍ଲା ପ୍ରଶାସନ । ଆଉ ଖୁବ୍ ଶୀଘ୍ର ସ୍ଥିତି ସ୍ୱାଭାବିକ ହେବ ବୋଲି କହିଛନ୍ତି, ଜିଲ୍ଲାପାଳ । ତେବେ ସହରରେ ବ୍ରଡବ୍ୟାଣ୍ଡ ଓ ୱାଇଫାଇ ସେବା ଫେରିଛି । କିନ୍ତୁ ଆହୁରି ୪୮ଘଂଟା ପର୍ଯ୍ୟନ୍ତ ମୋବାଇଲ ଫୋନ ଇଂଟରନେଟ ସେବାକୁ ବନ୍ଦ ରଖିବାକୁ ପ୍ରଶାସନ ନିଷ୍ପତି ନେଇଛି ।

## ବାରିପଦା ଆସିବେ ରାଷ୍ଟ୍ରପତି



ବାରିପଦା, ୨୦/୦୪ (ନି.ପ୍ର): ଆସନ୍ତା ମେ' ୯ ତାରିଖରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ। ଏନେଇ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ରାଷ୍ଟ୍ରପତିଙ୍କ ପ୍ରାଇଭେଟ ସେକ୍ରେଟାରୀଙ୍କ ଚିଠି କରିଛନ୍ତି। ରାଷ୍ଟ୍ରପତି ହେବା ପରେ ପ୍ରଥମ ଥର ପାଇଁ ସେ ନିଜ ଜିଲ୍ଲାକୁ ଆସିବେ। ତେବେ ତାଙ୍କର ଏହି ଗସ୍ତ ସଂପର୍କିତ ସବିଶେଷ କାର୍ଯ୍ୟସୂଚୀ ବିଷୟରେ ସୂଚନା ମିଳିନାହିଁ। ଏହା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଫେବ୍ରୁଆରୀ ମାସରେ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଗସ୍ତ ସମୟରେ ସେ ଫେବ୍ରୁଆରୀ ୧୦ ତାରିଖରେ ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ। ସେହିପରି ଫେବ୍ରୁଆରୀ ୧୧ ତାରିଖରେ କଟକର ବିଦ୍ୟାଧରପୁରସ୍ଥିତ ନ୍ୟାସନାଲ୍ ରାଇସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ଦ୍ୱିତୀୟ ଇଣ୍ଡିଆନ୍ ରାଇସ୍ କଂଗ୍ରେସରେ ଯୋଗ ଦେଇଥିଲେ।

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କରୋନା ପଜିଟିଭ

ନୂଆଦିଲ୍ଲୀ, ୨୦/୦୪ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଗୁରୁବାର ତାଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ସେ ଏବେ ଘରେ କ୍ୱାରେଣ୍ଟାଇନରେ ଅଛନ୍ତି। ତାଙ୍କ ଠାରେ ଅଳ୍ପ ଲକ୍ଷଣ ରହିଛି। ଡାକ୍ତରଙ୍କ ଏକ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ତାଙ୍କ ଅଫିସ୍ ପକ୍ଷରୁ କୁହାଯାଇଛି ଯେ ସେ ଆଜି ନୂଆଦିଲ୍ଲୀରେ ▶▶ପୃଷ୍ଠା ୭

## ଅସହ୍ୟ ତାତିରେ ସନ୍ତୁଳି ହେଉଛି ସାରା ରାଜ୍ୟ : ୩୬ ଘଣ୍ଟା ପରେ କମିପାରେ ତାପମାତ୍ରା



ଭୁବନେଶ୍ୱର, ୨୦/୦୪ (ନି.ପ୍ର): ସାରା ରାଜ୍ୟକୁ କଲବଲ କଲାଣି ତାତି । ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଝାରସୁଗୁଡା, ବାରିପଦା, ମୟୂରଭଞ୍ଜ, ଭୁବନେଶ୍ୱର, ଭଳି ସହର ତାପମାତ୍ରା ଅସହ୍ୟ ସ୍ଥିତିରେ ପହଁଚି ଯାଇଛି । ପ୍ରବଳ ତାତି ଯୋଗୁଁ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ସେପଟେ ତାତି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ଖରା ଯୋଗୁଁ ଜଳାଶୟ ଶୁଖିବା ପରେ ପଶୁ-ପକ୍ଷୀ ବି ପାଣି ପାଇଁ ତହଳ ବିକଳ ହେଉଛି । ତେବେ ୩୬ ଘଣ୍ଟା ପରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ପ୍ରାୟ ସପ୍ତାହେ ହେଲା ପ୍ରଚଣ୍ଡ ତାତି, ରାଜ୍ୟବାସୀଙ୍କୁ କଲବଲ କରୁଛି । ସକାଳର କଅଁଳ ସୂର୍ଯ୍ୟକିରଣ କଣ ଲୋକେ ଅନୁଭବ କରିପାରୁ ନାହାନ୍ତି । ସକାଳ ୮ଟା ବେଳକୁ ସୂର୍ଯ୍ୟ କିରଣର ପ୍ରକୋପ ଏତେ ହେଉଛି ଯେ ଘରୁ ବାହାରିବାକୁ ଡର ଲାଗୁଛି । ଦେହ, ମୁହଁ ପୋଡି ଯାଉଛି । ୧୧ଟା ବେଳକୁ ଅଧିକାଂଶ ସହରର ତାପମାତ୍ରା ୪୦ ଡିଗ୍ରୀ ପାଖରେ ପହଞ୍ଚିଯାଉଛି । ମଧ୍ୟାହ୍ନ ବେଳକୁ ତ ଆକାଶରୁ ନିଆଁ ବର୍ଷା ହେଉଛି । ବିଶେଷକରି ଝାରସୁଗୁଡା, ମୟୂରଭଞ୍ଜ, କଟକ, ଖୋର୍ଦ୍ଧା ଜିଲ୍ଲାରେ ସ୍ଥିତି ଅସହ୍ୟ ହୋଇଛି । ଶୁକ୍ରବାର ମଧ୍ୟ ଆଭ୍ୟନ୍ତରୀଣ ଓଡିଶାରେ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ତେବେ ୩୬ ଘଣ୍ଟା ପରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିପାରେ ବୋଲି ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ । କହିଛନ୍ତି, ଓଡିଶା ଉପକୂଳ ବଙ୍ଗୋପସାଗରର ପାଖାପାଖି ଏକ ଗୁରୁଚାପ ବଳୟ ଆସୁଛି, ତେଣୁ ତା ପ୍ରଭାବରେ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ବାୟୁମଣ୍ଡଳକୁ ପ୍ରବେଶ କରିବ । ତେଣୁ କାଳ ବୈଶାଖୀ ବର୍ଷାର ସମ୍ଭାବନା ରହିଛି । କେବଳ ମଣିଷ ନୁହଁନ୍ତି ପଶୁ, ପକ୍ଷୀ, ପାଣି ତହଳ ବିକଳ ହେଉଛନ୍ତି । ▶▶ପୃଷ୍ଠା ୭

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଯାଦବ ମହାସଭାର ଦାବିପତ୍ର ପ୍ରଦାନ

କୋରାପୁଟ, ୨୦/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ, ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜନସଂଖ୍ୟାର ୨୨ ପ୍ରତିଶତ ଅର୍ଥାତ ବର୍ତ୍ତମାନ ପ୍ରାୟ ୧୨ ଲକ୍ଷ ଲୋକ ଗୌଡ଼ ଜାତିର ଯାହାକି ଭିନ୍ନ ଭିନ୍ନ ସାଙ୍ଗାରେ ଆଦିମ କାଳରୁ ବସବାସ କରି ରହିଆସୁଛନ୍ତି । ସେମାନଙ୍କ ଚାଲିଚଳଣି, ଜୀବନଶୈଳୀ, ସାମାଜିକ ସ୍ଥିତି, ଆର୍ଥିକ ମାନଦଣ୍ଡ ଅନୁସୂଚିତ ଜନଜାତିଙ୍କ ଠାରୁ ମଧ ବହୁ ପଛରେ । କିନ୍ତୁ ସେମାନେ ୨୦୮ ଜାତି ମଧରେ ପଛୁଆ ବର୍ଗ ଅନ୍ତର୍ଭୁକ୍ତ ରହିଛନ୍ତି, ଯଦ୍ୱାରା ସେମାନଙ୍କ ବିକାଶ ସମ୍ଭବ ହେଉନାହିଁ । ପ୍ରତିକ୍ଷେତ୍ର ଶିକ୍ଷା ହେଉ କି ଚାକିରୀ କିମ୍ବା ରାଜନୀତି, ସେମାନଙ୍କ ଭାଗିଦାରୀ ଜିଲ୍ଲାରେ ଏକ ପ୍ରତିଶତ ବି ନାହିଁ, ସଂସଦରେ ରାଜ୍ୟରୁ ସେମାନଙ୍କ ଲୋକ ନାହାନ୍ତି, ରାଜ୍ୟ ମନ୍ତ୍ରୀ ମଣ୍ଡଳରେ ବି କେହି ନାହିଁ, ଏପରିକି ବିଧାନସଭାରେ ବି ସ୍ଥାନ ଏକ ପ୍ରତିଶତରୁ ତଳେ, ଅବିଭକ୍ତ କୋରାପୁଟ ଜିଲ୍ଲା ସେଡ୍ୟୁଲ ଏରିଆ ହୋଇଥିବାରୁ ସରପଂଚ, ସମିତି ଅଧକ୍ଷ, ଜିଲ୍ଲା ପରିଷଦ ଅଧକ୍ଷ ମଧ କେହି ନାହାନ୍ତି । ତେଣୁ ତାଙ୍କ ସ୍ୱର ଦିଲ୍ଲୀ ତ ଦୂର କଥା, ପଲ୍ଲୀ ରୁ ପଂଚାୟତକୁ ବି ଆସି ପାରୁନାହିଁ । ଯାହାକୁ ନେଇ ସେମାନେ ନିସଙ୍ଗତ ମନେ ହେଉଥିବା ଦର୍ଶାଯାଇଛି । ବହୁ ବିଚାର ବିମର୍ଷ ପରେ ଯାଦବ ନେତୃ ମଣ୍ଡଳୀ ପକ୍ଷରୁ ଗତ ୧୬-୦୪-୨୦୨୩ ତାରିଖ ରବିବାର ଦିନ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଣକେନ୍ଦ୍ର ଜୟପୁର ଠାରେ 'ଗୌଡ଼ ଅଧିକାର ସମାବେଶ' ନାମରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୭ଟି ଦାବି ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି । ଏହି ଦାବୀ ମଧରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଦିମ କାଳରୁ ବସବାସ କରୁଥିବା ଗୌଡ଼ ମାନଙ୍କୁ 'ଗିରିଜନ' ମାନ୍ୟତା ମିଳୁ , ଜାଗା ମିସନ ଢାଂଚାରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଗୌଡ଼ଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳୁ । ଗୋଚର, ଗୋଧଡସ ଜମି ଜବରଦଖଲ ମୁକ୍ତ ହେଉ । ଗଉଡ଼ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହେଉ । ରାଜ୍ୟରେ ଗୋ-ସେବା ଆୟୋଗ ପ୍ରତିଷ୍ଠା ସହ ଓଙ୍ଗେଡ଼ ଦାୟିତ୍ୱ ଗୌଡ଼ଙ୍କୁ ଦିଆଯାଉ । ଏସ୍ଟିସି ଢାଂଚାରେ 'ଗୌଡ଼ ଉନ୍ନୟନ ପରିଷଦ' ଗଠନ ହେଉ ଏବଂ ସଂସଦରେ ଗୌଡ଼ ସ୍ୱର ଉଠାଇବାକୁ ଜଣେ ଗୌଡ଼ ଲୋକଙ୍କୁ ରାଜ୍ୟସଭାକୁ ପ୍ରେରଣ କରାଯାଉ ବୋଲି ଏହି ଦାବିରେ ଯୁକ୍ତି ରଖାଯାଇଛି । ଏହି ପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ମଦନମୋହନ ନାୟକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, କାର୍ଯ୍ୟକାରି ସଭାପତି ବୁଲୁ ଗୌଡ଼, ଉପସଭାପତି ପରମେଶ୍ୱର ପାତ୍ର, କୋଷାଧକ୍ଷ ନରେଶ ମହାକୁଳ, ଲମତାପୁଟ ସଭାପତି ଅର୍ଜୁନ ହନ୍ତାଳ, ନନ୍ଦପୁର ସଭାପତି ଗୋବର୍ଦ୍ଧନ ବୈରାଗି, ଦସମନ୍ତପୁର ସଭାପତି କମଳ ଲୋଚନ ଗୌଡ଼, କୋରାପୁଟ ସଭାପତି ସୁନଧର ଗୌଡ଼, ଉପଦେଷ୍ଟା ଗୋପୀନାଥ ପୋଲାଇ, ଚନ୍ଦ୍ରକାନ୍ତ ସୁତାର, ଶ୍ରୀଚନ୍ଦନ ନାୟକ, ହରି ଗୌଡ଼, ମଧୁସୂଦନ ଗୋଲାରୀ, ନକୁଳ ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଖୋର୍ଦ୍ଧାରେ 'ବିଜୁ ମହାବୀର ଜୟପୁର ଫୁଟ୍ ସେଣ୍ଟର' ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା , ୨୦/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଖୋର୍ଦ୍ଧାର ଗୁରୁଜଙ୍ଗ ଠାରେ ପ୍ରସିଦ୍ଧ ଜୟପୁର ଫୁଟ୍‌ର ଏକ ନୂଆ କେନ୍ଦ୍ର 'ବିଜୁ ମହାବୀର ଜୟପୁର ଫୁଟ ସେଣ୍ଟର' ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଭିନ୍ନକ୍ଷମ ମାନଙ୍କ ପାଇଁ ନୂଆ ଆଶା ସଞ୍ଚାର ହୋଇଛି । ଜୟପୁର ଫୁଟ୍‌ର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଜରିଆରେ ସେମାନେ ହୋଇପାରିବେ ସକ୍ଷମ।

ପ୍ରତିଷ୍ଠାତା ପଦ୍ମଭୂଷଣ ଡଃ ଡି.ଆର ମେହେଟ୍ଟାଙ୍କ ଦ୍ୱାରା ୧୯୭୫ ମସିହାରେ ଜୟପୁର ଫୁଟ୍ ସେଣ୍ଟର ପ୍ରତିଷ୍ଠିତ ହୋଇଥିଲା । ଏହାର ନାମ ହେଉଛି ଭଗବାନ ମହାବୀର ବିକଳାଙ୍ଗ ସେନା ସମିତି। ଏବେ ଜୟପୁର ଫୁଟ ସେଣ୍ଟର ଭାବେ ଏହା ଦେଶ ବିଦେଶରେ ସୁନାମ ଅର୍ଜନ କରିଛି । ଆଜି ଭିନ୍ନକ୍ଷମ ମାନଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ କ୍ଷେତ୍ରରେ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଂସ୍ଥା ଭାବରେ ସୁନାମ ଅର୍ଜନ କରିଛି । ସାରା ବିଶ୍ୱର ୨୧ ଲକ୍ଷ ଭିନ୍ନକ୍ଷମଙ୍କୁ ଏହା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ନୂଆ କେନ୍ଦ୍ରର ସହଯୋଗରେ ଖୁବଶୀଘ୍ର ଓଡିଶାର ସବୁ ଭିନ୍ନକ୍ଷମ ମାନଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦେବାର ଲକ୍ଷ୍ୟ ରହିଛି । ଭିନ୍ନକ୍ଷମ ମାନେ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନଙ୍କ ଉପଯୁକ୍ତ ଥଇଥାନ ଆମ ସମସ୍ତଙ୍କ ଦାୟିତ୍ୱ। ଏଥିପାଇଁ ସମସ୍ତେ ମିଶି କାମ କରିବାକୁ ସେ ପରାମର୍ଶ ଦେଇଥିଲେ । ସେମାନଙ୍କ କଲ୍ୟାଣ ପାଇଁ ଓ ସେମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଅନେକ କାମ କରୁଛନ୍ତି। ସେମାନଙ୍କ ଥଇଥାନ ସହିତ ତାଲିମ ଜରିଆରେ ସେମାନଙ୍କୁ ସଶକ୍ତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଭିନ୍ନକ୍ଷମମାନଙ୍କ ସହାୟତା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ଜୟପୁର ଫୁଟ କେନ୍ଦ୍ରର ପ୍ରତିଷ୍ଠାତା ଡଃ ମେହେଟ୍ଟାଙ୍କ ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସେ ଆଜି ଲକ୍ଷ ଲକ୍ଷ ଭିନ୍ନକ୍ଷମ ମାନଙ୍କ ପାଇଁ ଏକ ଆଶୀର୍ବାଦ ସ୍ୱରୂପ ହୋଇପାରିଛନ୍ତି। ସମାଜ ପ୍ରତି ତାଙ୍କର ପ୍ରତିବଦ୍ଧତା ସମସ୍ତଙ୍କ ପାଇଁ ପ୍ରେରଣା।




ଓଡିଶାରେ ଏହି ଅଭିଯାନ ପାଇଁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଦେଶୀୟ ଜ୍ଞାନକୌଶଳରେ ନିର୍ମିତ ଜୟପୁର ଫୁଟ ଏକ ଅନନ୍ୟ ଉତ୍ପାଦନ ଯାହାକି, ଭିନ୍ନକ୍ଷମ ମାନଙ୍କୁ ସଂପୂର୍ଣ୍ଣ ଭାବେ ସକ୍ଷମ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାକୁ ବ୍ୟବହାର କରି ଜଣ ଭିନ୍ନକ୍ଷମ ବ୍ୟକ୍ତି ଚାଲିବା, ଦୌଡିବା, ନାଚିବା ଠାରୁ ଆରମ୍ଭ କରି ମଟରସାଇକେଲ ଓ କାର ମଧ ଚଲାଇ ପାରିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିନ୍ନକ୍ଷମ ଲୋକଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାପାଇଁ ଏକ ଭ୍ରାମ୍ୟମାଣ ଯାନର ଶୁଭାରମ୍ଭ ମଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି କେନ୍ଦ୍ରରେ ଏମ୍ ଖାନ ନାମକ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ କାର୍ଯ୍ୟକାରୀ କରିଚାଲିଛି । ଜୟପୁର ଫୁଟ୍ କେନ୍ଦ୍ର ଏ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଜୟପୁର ଫୁଟ କେନ୍ଦ୍ରର ପ୍ରତିଷ୍ଠାତା ଡଃ ଡି.ଆର ମେହେଟ୍ଟା କହିଲେ ଯେ ଭିନ୍ନକ୍ଷମ ମାନଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଣ ଆମର ଏକ ସାମାଜିକ ପ୍ରତିବଦ୍ଧତା। ୫୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା ଏହି ସଂସ୍ଥା ଆଜି ବିଶ୍ୱର ଅନେକ ଦେଶରେ ଭିନ୍ନକ୍ଷମ ମାନଙ୍କୁ ସକ୍ଷମ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି । ଏହି କେନ୍ଦ୍ରରେ ଭିନ୍ନକ୍ଷମ ଲୋକର ବ୍ୟକ୍ତିଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃତ୍ରିମ ଅଙ୍ଗ ପ୍ରସ୍ତୁତ କରାଯାଉଛି। ଭ୍ରାମମାଣ୍ୟ ଯାନ ଜରିଆରେ ରାଜ୍ୟର ସବୁ ଜିଲ୍ଲାକୁ ଯାଇ ଭିନ୍ନକ୍ଷମ ମାନଙ୍କୁ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉପସ୍ଥିତ ଥିଲେ। ଜୟପୁର ଫୁଟ୍ କେନ୍ଦ୍ରର କାର୍ଯ୍ୟନିର୍ବାହୀ ସଭାପତି ଶ୍ରୀ ସତୀଶ ମେହେଟ୍ଟା ସ୍ୱାଗତ ଭାଷଣ ଦେଇଥିଲେ ।

# ସେବାକାରୀ କିନ୍ନର ସଂଘ ପକ୍ଷରୁ ନର୍ଲା ରୋଡ଼ରେ ବହୁ ଚରା ମାତାଙ୍କ ଷୋହଳ ପୂଜା

ଭବାନୀପାଟଣା , ୨୦/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ନର୍ଲା ବ୍ଲକ ଅନ୍ତର୍ଗତ ନର୍ଲାରୋଡ ଠାରେ ନର୍ଲା ସେବାକାରୀ କିନର ସଙ୍ଘ ତରଫରୁ ୧୬/୪ ରୁ ଆରମ୍ଭ ହୋଇଛି ବହୁଚାରା ମାତାଙ୍କ ୧୬ ପୂଜା । ଏ ନେଇଁ ୧୬ ତାରିଖରୁ ପୂଜା ଆରମ୍ଭ ହୋଇଥିବା ବେଳେ ଆଜି ମଙ୍ଗଳବାର ଏନେଇ ମଂଚ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇଥିଲା। ନର୍ଲା ସେବାକାରୀ କିନର ସଙ୍ଘ ସଭାପତି କାମିନୀ କିନ୍ନରଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ କିନର ସାମିଲ ହୋଇଥିଲେ । ଅସ୍ଥାୟୀ ପୂଜା ମଣ୍ଡପ କଳସ ସ୍ଥାପନ ପରେ ଆରମ୍ଭ ହୋଇଛି । ପୂଜାବିଧି ବ୍ରହ୍ମା ପଣ୍ଡିତ ଭାବରେ ବୃନ୍ଦାବନ ମିଶ୍ର ପୂଜନ କାର୍ଯ୍ୟ ପରିଚାଳନା କରିଛନ୍ତି । ଏହି ବହୁଚରା ପୂଜା ଚାଲିବା ପରେ ଆସନ୍ତା ୧୯ ତାରିଖ ରେ ପୂର୍ଣ୍ଣାହୁତି ହବ ବୋଲି ନର୍ଲା କିନର ସଙ୍ଘର ସଭାପତି କାମିନି କିନର ସୂଚନା ଦେଇ ଛନ୍ତି କ୍ଷ କିନର ମାନଙ୍କର ଅଧିଷ୍ଠାତ୍ରୀ ଦେବି ମା ବହୁଚରା ଙ୍କ ଷୋହଳ ପୂଜା ଅନୁଷ୍ଠିତ ହୋଇଥାଇ । ଗତ ୨ ବର୍ଷ ଧରି କରୋନା କଟକଣା ଯଗୁଁ କେବଳ ପୂଜା ଅନୁଷ୍ଠିତ ହୋଇଥିଲା। ହେଲେ ଏ ଭଳି ଭବ୍ୟ ଉତ୍ସବ ହଇପାରିନଥିଲା । ଏଥିପାଇଁ ରାୟଗଡା ସମ୍ବଲପୁର ବଲାଙ୍ଗୀର ବରଗଡ ଝାରସୁଗୁଡା ପ୍ରଭୃତି ସ୍ଥାନରୁ ପଚାଶ ରୁ ଉର୍ଦ୍ଧ କିନର ଆଶି ପହଂଚି ସାରିଥିବା ଜଣାପଡିଛି । ୧୯ତାରିଖ ସନ୍ଧ୍ୟା ରେ ନଗର ପରିକ୍ରମା ସହ ବିଷର୍ଜନ ଉତ୍ସବ ଅନୁଷ୍ଠିତ ହବ । ମୁଖ୍ୟଅତିଥି ବଳରାମ ସିଂ ଯାଦବ ନର୍ଲା କିନର ମାନଙ୍କୁ ଆଗକୁ କେମିତି ଯିବେ ସେ ବିଷୟରେ କହିଥଲେ । ବରିଷ୍ଠ ସଦସ୍ୟ ଦୁର୍ଗା କିନର ବିନୁ, ରିତା, ବୁଲବୁଲ, ବର୍ଷା,ପାୟଲ ପ୍ରମୁଖ ପୂଜା କାର୍ଯ୍ୟ ରେ ସହଯୋଗ କରିଥିବା ଜଣାପଡିଛି।

# ସୃଜନାକ୍ଷର ସାହିତ୍ୟ ସର୍ଜନାର ମହାମଞ୍ଚ ତରଫରୁ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ନାରୀ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ

ବାଲେଶ୍ୱର, ୨୦/୦୪ (ନି.ପ୍ର): ସୃଜନାକ୍ଷର ସାହିତ୍ୟ ସର୍ଜନା ର ମହାମଞ୍ଚ ତରଫରୁ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ସମ୍ପାଦକ ଡ.ରାଧାରଂଜନ ପଟ୍ଟନାୟକ ଏବଂ ପରିଚାଳନା ସମ୍ପାଦକ ଡ. ବଂଶୀଧର ଚୌଧୁରୀ ମାନପତ୍ର ଏବଂ ସ୍ମୃତି ଫଳକ ପ୍ରଦାନ କରି 'ସୃଜନକ୍ଷର ନାରୀ ପ୍ରତିଭା ସମ୍ମାନ'୨୦୨୩ ରେ ସମ୍ବର୍ଦ୍ଧିତ କରିଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ,ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଖୁବ କମ ବୟସ ରୁ ଭାରତୀୟ ପୋଲିସ ସେବାରେ ଯୋଗ ଦାନ କରି ଅନ୍ୟ ମାନଙ୍କ ପାଇଁ ପ୍ରେରଣା ର ପ୍ରେରକ ପାଲଟି ଯାଇଛନ୍ତି ।ନାରୀ ଯେ ଅବଳା ନୁହେଁ କି ଦୁର୍ବଳା ନୁହେଁ, ଏଇ ଅପ୍ରିୟ ସତ୍ୟ କୁ ପ୍ରମାଣ କରିପାରିଛନ୍ତି । ସେ ପଥଭ୍ରଷ୍ଟ ତଥା ଅସାମାଜିକ ମଣିଷ ମାନଙ୍କ ପାଇଁ କଠୋର ହୋଇଛନ୍ତି ତ; ପୁଣି କେତେବେଳେ ସାମାଜିକ ନ୍ୟାୟ ଦେବା ପାଇଁ ଉଦାର ହୋଇଛନ୍ତି ।ଏହାହିଁ ତାଙ୍କ ବ୍ୟକ୍ତି ଚେତନାର ଦର୍ଶନ ବୋଧ ।ଏତତ ବ୍ୟତୀତ ଓଡ଼ିଆ ଭାଷା ଓ ସାହିତ୍ୟ , ସଂସ୍କୃତି ପ୍ରତି ଆଗେତୁକ ରୁଚି ରଖିଥିବା ଜଣେ ସ-ଶ୍ରଦ୍ଧ ନାରୀ ପ୍ରତଭା ସେ। ସୃଜନାକ୍ଷର ତରଫରୁ ତାଙ୍କୁ ସାରସ୍ୱତ ଶ୍ରୀକ୍ଷେତ୍ର ବାଲେଶ୍ୱର ମାଟିରୁ ପ୍ରଥମ ଥର ପାଇଁ ସମ୍ବର୍ଦ୍ଧିତ ହୋଇଥିବାରୁ ଅନୁଷ୍ଠାନ ର କର୍ମକର୍ତ୍ତା ମାନଂକୁ ଧନ୍ୟବାଦ ଦେବା ସଙ୍ଗେସଙ୍ଗେ ସୃଜନାକ୍ଷର ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଅନଳରେ ୨୯ତମ ପାଲା ଗାୟକ ସମ୍ମିଳନୀ ଉଦ୍‌ଘାଟିତ

ଭୁବନ, ୧୯ ଏପ୍ରିଲ(ହି.ସ.) - ଭୁବନ ବ୍ଲକ ଅନ୍ତର୍ଗତ ଅନଳ ଗ୍ରାମରେ ଭୁବନ ମଣ୍ଡଳ ର ୨୯ ତମ ପାଲା ଗାୟକ ସମ୍ମିଳନୀ ଗତକାଲି ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା କଳା ସଂସ୍କୃତି ବିଭାଗ ଅଧକ୍ଷ ଅଶୋକ କୁମାର ସାମଲ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳା ସଂସ୍କୃତି ବିଭାଗ ରାଜ୍ୟ ଉପସଭାପତି ଅବନୀ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ପାଲା ସଂଘ ସଭାପତି ଦୁର୍ଗା ଚରଣ ମିଶ୍ର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଭଗବାନ ଗୁରୁ,୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ଧଳପଡ଼ା ସରପଂଚ ଶ୍ରୀନିବାସ ବେହେରା, ଓଡ଼ିଶା ସରପଂଚ ମୋହନ ମହନ୍ତ ,ବାରୁଆଁ ସରପଂଚ ପ୍ରତିନିଧି ବିନୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ । ଅନଳ ଗ୍ରାମବାସୀଙ୍କ ଦ୍ୱାରା ଏଭଳି ଆୟୋଜନକୁ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ । ପାଲା ଦେଖିବାକୁ ସହସ୍ରାଧିକ ଲୋକ ଯୋଗଦେଇଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଡିଜାଇନ୍ ବିଭାଗରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ଲ୍ୟାବ ଉଦଘାଟିତ



ରାଉରକେଲା, ୨୦/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଡିଜାଇନ୍ ବିଭାଗରେ ଅପ୍ରେଲ ୧୯ ତାରିଖରେ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ଲ୍ୟାବ୍ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଅତନୁ ଭୌମିକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୋମନାଥ ତ୍ରିପାଠୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନ ଚାର୍ଜ, ଶ୍ରୀ ଏ କେ ବେହୁରିଆ, ଆରଏସପିର ବହୁ ସିଜିଏମ, ବିଭାଗ ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ୟୁନିଟ୍ ର କର୍ମଚାରୀ ଉପସ୍ଥିତ ଥିଲେ। ଉପରୋକ୍ତ ଅତ୍ୟାଧୁନିକ ପ୍ରୟୋଗଶାଳାର ଅନନ୍ୟ ବୈଶିଷ୍ଟ୍ୟଗୁଡିକ ସମ୍ବନ୍ଧରେ ଡ଼ିଆଇସିଙ୍କୁ ଡିଜାଇନ, ସସ୍ତ ମେକାନିକାଲ ଓ ଫାଉଣ୍ଡରୀ ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀ ଶେଖର ନାରାୟଣ ଅବଗତ କରାଇଥିଲେ। ଏହି ଅବସରରେ ଶ୍ରୀ ଭୌମିକ ନିଜସ୍ୱ ରୂପେ ବିକଶିତ କାଂସ୍ୟ ପ୍ରତିମୂର୍ତ୍ତିର ବିମୋଚନ କରିଥିଲେ ଯାହା 'ଇସ୍ପାତି ଲୋଗ, ଇସ୍ପାତି ଇରାଦେ' ଲକ୍ଷ୍ୟ ଉପରେ ଆଧାରିତ ଆରଏସପି ସାମୁଦାୟିକଙ୍କ ଇସ୍ପାତ ନିର୍ମାଣ ପାଇଁ ସଂକଳ୍ପକୁ ଦର୍ଶାଉଛି । ସେଣ୍ଟର ଅଫ୍ ଏକ୍ସଲେନ୍ସ ଲ୍ୟାବ୍ ର ବିଭିନ୍ନ ବିଭାଗ ରହିଛି। ଯାହାର ପ୍ରତ୍ୟେକଟି ବିକାଶଶୀଳ ମଡେଲର ସଦ୍ୟତମ ବୈଷୟିକ ଜ୍ଞାନକୌଶଳ ଏବଂ ସଂଯୁକ୍ତ ଉତ୍ପାଦନ ମାଧମରେ ସ୍ୱେୟାର ପ୍ରସ୍ତୁତି ସାମର୍ଥ୍ୟରେ ସଜ୍ଜିତ ଅଟେ। ଗୋଟିଏ ବିଭାଗରେ ସ୍ୱେୟାରରୁ ୩ଡ଼ି ମଡେଲର ବିକାଶ ପାଇଁ ୩ଡ଼ି ସ୍କାନର୍ ଅଛି। ଏହା ୩ଡ଼ି ପ୍ରିଣ୍ଟିଙ୍ଗ୍ ଦ୍ୱାରା ଦ୍ରୁତ ସମୟ ମଧ୍ୟରେ ଜଟିଳ ସ୍ୱେୟାରର ୩ଡ଼ି ମଡେଲ୍ ସୃଷ୍ଟି କରିବାକୁ ସକ୍ଷମ ଅଟେ। ଏହା ସାମଗ୍ରୀର ସର୍ବନିମ୍ନ ଅପଚୟ ସହିତ ସ୍ୱେୟାର ଉତ୍ପାଦନରେ ସାହାଯ୍ୟ କରିବ। ଅନ୍ୟ ବିଭାଗଟି ସ୍କାନର୍ ଏବଂ ମଡେଲର ବିକାଶ ତଥା ୩ଡ଼ି ପ୍ରିଣ୍ଟିଙ୍ଗ୍ ର ସ୍ୱେୟାର୍ ତଥ୍ୟର ପ୍ରକ୍ରିୟାକରଣ ପାଇଁ ତିନୋଟି ଲାପଟପ୍ ୱାର୍କ ଷ୍ଟେସନ୍ ସହିତ ସଜ୍ଜିତ ଅଟେ। ଏହି ୱର୍କଷ୍ଟେସନ୍ କାର୍ଯ୍ୟ ମୋଡାଲିଟି ଇଣ୍ଡଷ୍ଟ୍ରି ୪.୦ ଅନୁରୂପ ଅଟେ। ପ୍ରିଣ୍ଟିଙ୍ଗ୍ ବିଭାଗରେ ଇଣ୍ଡଷ୍ଟ୍ରିଆଲ୍ ୩ଡ଼ି କମ୍ପୋଜିଟ୍ ପ୍ରିଣ୍ଟର୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ୩ଡ଼ି ମେଟାଲ୍ ପ୍ରିଣ୍ଟର୍ ରହିଛି। ଏହା ରିଭର୍ସ ଇଞ୍ଜିନିୟରିଂରୁ ସଂଯୁକ୍ତ ଉତ୍ପାଦନ ପର୍ଯ୍ୟନ୍ତ ସୁଚାରୁ ପ୍ରକ୍ରିୟା ପ୍ରବାହ ପାଇଁ ଏକୀକୃତ ସମାଧାନ ପ୍ରଦାନ କରିବାରେ ସାହାଯ୍ୟ କରିବ। ସଂଯୁକ୍ତ ଉତ୍ପାଦନ ସ୍ତର ଅନୁକ୍ରମରେ ସାମଗ୍ରୀ ଉତ୍ପାଦନ କରେ ଏବଂ ଡିଜାଇନ୍ ସ୍ୱାଧୀନତାକୁ ବିସ୍ତାର କରି ସମୟ ହ୍ରାସ ପୂର୍ବକ ଉତ୍ପାଦନକୁ ଚାହିଦାର ନିକଟତର କରିବା ଏବଂ ଶିଳ୍ପ ସ୍ଥିରତାକୁ ଉନ୍ନତ କରି ପରବର୍ତ୍ତୀ ପିଢୀ ଉତ୍ପାଦନକୁ ରୂପାନ୍ତର କରିବାର ସାମର୍ଥ୍ୟ ବହନ କରୁଛି। ଉଲ୍ଲେଖଯୋଗ୍ୟ ଯେ, ସମଗ୍ର ସେଲ ମଧରେ ପ୍ରଥମ ଥର ପାଇଁ ଏହି ଟେକ୍ନୋଲୋଜି ବ୍ୟବହାର କରାଯାଉଛି। ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ବିଭିନ୍ନ ଉପକରଣର ସଫଳ ଅପରେସନ ତଥା ଏହାର ସର୍ବୋଚ୍ଚ ଉପଯୋଗ ପାଇଁ କାର୍ମିକଙ୍କୁ ତାଲିମ ପ୍ରଦାନ କରାଯାଇଛି। ମେସିନ୍ଗୁଡ଼ିକର କମିଶନିଙ୍ଗ ସମୟରେ ଡିଜାଇନ୍ ବିଭାଗ ଲ୍ୟାବ୍ ରେ ଡିଜାଇନ୍ ବିଭାଗ, ଆରଏସଏମ, ସିଇଟି ଓ ଆରଡ଼ିସିଆଇଏସ ବିଭାଗର ଅଂଶଗ୍ରହଣକାରୀମାନେ ସଂପୂର୍ଣ୍ଣ ତାଲିମ ଏବଂ ଏହା ସମ୍ବନ୍ଧୀୟ ଜ୍ଞାନ ଆହରଣ କରିଛନ୍ତି। କମିଶନିଙ୍ଗ ଅବଧିରେ ବିଭିନ୍ନ ଯନ୍ତ୍ରାଂଶ ପ୍ରସ୍ତୁତ କରାଯାଇଥିଲା ଯାହା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଆର୍ଟ ୩ଡ଼ି ପ୍ରିଣ୍ଟିଂ ମେସିନଗୁଡିକର କାମ କରିବାର ଅନୁଭୂତି ପ୍ରଦାନ କରିଛି ।

# ବନ୍ଦ ପାଳନ ସମୟରେ ଜୟପୁର ଶିକ୍ଷକ, ଶିକ୍ଷୟିତ୍ରୀ ହେଲେ ହିନସ୍ତା

ଜୟପୁର, ୨୦/୦୪ (ନି.ପ୍ର): ଆଜି ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ସକାଳ ୬ ଘଂଟା ଠାରୁ ସନ୍ଧ୍ୟା ୬ ଘଂଟା ଯାଏ ବନ୍ଦ ପାଳନ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହ ପାଇ ରାଜ୍ୟ ସରକାର ୧୯ ଓ ୨୦ ତାରିଖ ଦୁଇ ଦିନ ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖିଥିଲେ । କିନ୍ତୁ ଜୟପୁର ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଏବିଓ, ବିଇଓଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସ୍କୁଲ ଯିବାକୁ ବାଧ ବୋଲି ମୌଖିକ ଓ ହ୍ୱାଟସଆପ ମାଧ୍ୟମରେ ମେସେଜ କରି ଥିଲେ । ଯେହେତୁ ସକାଳୁଆ ସ୍କୁଲ ରହିଛି । ଏପଟେ ବନ୍ଦର ସୁଚନା ପାଇ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବିଚଳିତ ହୋଇ ପଡିଥିଲେ । କେତେକ ଶିକ୍ଷକ ଏବିଓଙ୍କ ସହ ସାକ୍ଷାତ କରି ସବୁ ବିଷୟ କହିଥିଲେ । କିନ୍ତୁ ଏବିଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାଢେ ୬ଟାରୁ ୧୧ ଟା ଯାଏ ସ୍କୁଲରେ ରହିବାକୁ ବାଧ । ନଚେତ ନିଲମ୍ବନ କରାଯିବ ବୋଲି କହିଥିଲେ । ଶେଷରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଭୋର ୪ ରିଟା ରୁ ଉଠି ବସ ଅଟୋ ଚଳ ପ୍ରଚଳ ବନ୍ଦ ଥିବାରୁ ଶିକ୍ଷୟିତ୍ରୀ ମାନେ କିଏ ଭାଇ ସହ କିଏ ସ୍ୱାମୀ ସହ କିଏ ସମ୍ପର୍କୀୟ ସହ ସ୍କୁଲ କୁ ଯାଇଥିଲେ । ଭୋର ସମୟ ର ହୋଇଥିବା ରୁ କୁକୁର ମାନେ ଗୁଡାଇ ଥିବା ବେଳେ ବହୁ ଶିକ୍ଷକ ସମ୍ପର୍କୀୟ ମାନେ ରାସ୍ତା ରେ ପଡି ଆହତ ହୋଇଥିଲେ। ଗୋଟିଏ ପଟେ ରାଜ୍ୟ ସରକାର ସ୍କୁଲ ବନ୍ଦ କରୁଥିବା ବେଳେ ଜୟପୁର ଗୋଷ୍ଠି ଶିକ୍ଷାଧିକାରି କାର୍ଯ୍ୟାଳୟରେ ମୌଖିକ ଅର୍ଡର ବାହାରି ଥିଲା । ଜାତୀୟ ରାଜପଥ ୨୬ର ମୁକ୍ୟ ଟ୍ରାଫିକ ଛକ ନିକଟରେ ରାସ୍ତା ଅବରୋଧ, ଆମ୍ବାଗୁଡା ଠାରେ ରାସ୍ତା ଅବରୋଧ, ବୋରିଗୁମ୍ମାରେ ରାସ୍ତା ଅବରୋଧ ସହ ଗଳି ଗନ୍ଦିରେ ମଧ ରାସ୍ତା ଅବରୋଧ ହୋଇଥିଲା । ସାଢେ ୧୧ ଟାପରେ ଶିକ୍ଷକ ମାନେ ସ୍କୁଲ ଛୁଟି କରି ଘରୁ ଆସି ପାରି ନଥିଲେ । ରାସ୍ତା ଅବରୋଧ ହଟିବା ପରେ ସଂନ୍ଧ୍ୟା ୬ଟା ୭ ଟା ବେଳେ ଶିକ୍ଷକ ମାନେ ଘରେ ପହଂଚିଥିଲେ । ଫଳରେ ଶିକ୍ଷକ ମାନେ ସରକାରଙ୍କ ନିୟମ ମାନିବେ ନା ଏବିଓ ଙ୍କ ନିୟମ ମାନିବେ ଏ ନେଇ ହରଡ ଘଣାରେ ପଡିଥିବା ଜଣାଯାଇଛି । ଏନେଇ କେତେକ ବୁଦ୍ଧୀଜିବି ଆହତମାନଙ୍କ ତାଲିକା ଧରି ଜିଲାପାଳ କୋରାପୁଟ ଓ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବଙ୍କ ସହ ସାକ୍ଷାତ କରି ଦାବି ପତ୍ର ଦେବା ନେଇ ନିଷ୍ପତି ହୋଇଛି । ଆହତ ଶିକ୍ଷକ ଓ ସମ୍ପର୍କୀୟ ମାନେ ନିଜ ନାମ କରିବାକୁ ଭୟ କରିଥିଲେ । କାଳେ ଏବିଓ ସାର ରାଗି ଯିବେ ବୋଲି ନିଜ ଭାଗ୍ୟକୁ ଆଦରି ଶିକ୍ଷାମନ୍ତ୍ରୀଙ୍କ ନାଲି ଅଖିକୁ ଭୟ କରି ଚୁପ ରହିଥିଲେ । ବିଇଓ ଓ ଏବିଓ ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ନିଜର ମୌଖିକ ନିର୍ଦ୍ଦେଶ ଦେବା କେତେ ଯୁକ୍ତି ସଂଗତ ? ଏହାର ଉଚ୍ଚସ୍ତରିୟ ତଦନ୍ତ କରିବାକୁ ଦାବି ହୋଇଛି । ବିଇଓ ଓ ଏବିଓ ନିଜ ପଦବୀର ଅପବ୍ୟବହାର କରିଥିବା କାର୍ଯ୍ୟକୁ ଅବସର ପ୍ରାପ୍ତ ଶିକ୍ଷକ ମାନେ ନିନ୍ଦା କରିଛନ୍ତି ।

# ରାଜ୍ୟସ୍ତରୀୟ ବ୍ୟାଡମିଂଟନ ପ୍ରତିଯୋଗିତା

ଜୟପୁର , ୨୦/୦୪ (ନି.ପ୍ର): ଜୟପୁର ରେ ରାଜ୍ୟ ସ୍ତରୀୟ ପୁରୁଷ ଡବଲ ବ୍ୟାଡମିଂଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଡିପି ବେଡମିଂଟନ ଏକାଡମି ତରଫରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି । ୨୦ ତାରିଖ ଠାରୁ ୨୩ ତାରିଖ ଯାଏ ଏହି ଖେଳ ହେବ ।୨୦ ଓ ୨୧ ତାରିଖରେ ଅବିଭକ୍ତ କୋରାପୁଟ ଜିଲାର ଖେଳାଳି ମାନଙ୍କୁ ନେଇ ଜିଲା ସ୍ତରୀୟ ପ୍ରତିଯୋଗୀତା ହେବାକୁ ଥିବା ବେଳେ ୨୨ ଓ ୨୩ ତାରିଖରେ ରାଜ୍ୟ ସ୍ତରିୟ ପ୍ରତିଯୋଗିତା ହେବ ।ଏହି ପ୍ରତି ଯୋଗିତା ଆଦର୍ଶ ନଗର ସ୍ଥିତ ଡିପି ଏକାଡେମି ଉଡେନ ଇଣ୍ଡୋର କୋଟରେ ହେବାକୁ ଯାଇଛି । ଜିଲା ସ୍ତରୀୟ ପ୍ରତିଯୋଗିତାରେ ସବୁ ବର୍ଗର ଖେଳାଳି ପାଇ ୪୨ଟି ଟିମ ଭାଗ ନେଉଥିବା ବେଳେ ୪୦ ବର୍ଷରୁ ଉର୍ଦ୍ଧ ୧୨ଟିମ ଓ ୫୦ ବର୍ଷରୁ ଉର୍ଦ୍ଧ ୧୨ଟି ଟିମ ମୋଟ ୬୬ଟିମ ଭାଗ ନେଉଛନ୍ତି। ସେହି ପରି ରାଜ୍ୟ ସ୍ତରିୟ ପ୍ରତିଯୋଗିତାରେ ସବୁ ବର୍ଗ ଖେଳାଳି ପାଇ ୨୮ଟି ଟିମ ଭାଗ ନେଇଥିବା ବେଳେ ୪୦ ବର୍ଷରୁ ଉର୍ଦ୍ଧ ୧୬ଟିମ ଭାଗ ନେଇଛନ୍ତି। ଏନେଇ ଆଜି ଡିପି ଏକା ଡମି ତରଫରୁ ଏକ ସାମ୍ବାଦିକ ସମ୍ମିଳନି କରି ସୁଚନା ଦିଆଯାଇଛି ।

# ଏଟିଏମ୍ ଲୁଟେରାକୁ ଦୁଇବର୍ଷ ନଅ ମାସ କାରାଦଣ୍ଡ

ବଲାଙ୍ଗୀର, ୨୦/୦୪ (ନି.ପ୍ର): ଏଟିଏମ୍ ଲୁଟ୍ ମାମଲାରେ ଲୋଇସିଂହା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱଜାଲି ମହାନ୍ତି ଅଭିଯୁକ୍ତ ଆଗଲପୁର ଥାନା ନଅଗାଁ(କ) ଗ୍ରାମର ନାରାୟଣ ସାହୁଙ୍କୁ ୨ ବର୍ଷ ୯ ମାସ ସଶ୍ରମ କାରାଦଣ୍ଡ ସହିତ ୯ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଦେଇଥିବା ଜଣାପଡିଛି । ସୂଚନାମତେ, ଗତ ୨୦୨୨ ମସିହା ଅକ୍ଟୋବର ୩୧ ତାରିଖ ଦିନ ନେଗିପାଲି ଗ୍ରାମର ପ୍ରେମରାଜ ଦ୍ୱାରି ଓ ଦିଲୀପ କୁମାର ବିଶି ଲୋଇସିଂହା ସ୍ଥିତ ଏସ୍‌ବିଆଇ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସିଥିଲେ । ସେଠାରେ ପୂର୍ବରୁ ଅଭିଯୁକ୍ତ ନାରାୟଣ ଥିଲେ । ଟଙ୍କା ଉଠାଇ ସାରିବା ପରେ କୌଶଳ କ୍ରମେ ପ୍ରେମରାଜଙ୍କ ଏଟିଏମ୍‌କୁ ନାରାୟଣ ବଦଳାଇ ଦେଇ ଅନ୍ୟ ଏକ ଏଟିଏମ୍ ଦେଇଥିଲେ, ଯାହା ପ୍ରେମରାଜ ଜାଣି ନ ପାରି ସେଠାରୁ ଚାଲି ଆସିଥିଲେ । ପରେ ଦିଲୀପଙ୍କ ଏଟିଏମ୍ କାର୍ଡ ବଦଳ କରୁଥିବା ବେଳେ ଦିଲୀପ ତାହା ଜାଣିପାରି ବିରୋଧ କରିଥିଲେ । ପରେ ଏଟିଏମ୍ ସୁରକ୍ଷା କର୍ମୀ ଓ ବାହାରେ ଥିବା ପୋଲିସ ନାରାୟଣଙ୍କୁ କାବୁ କରି ଲୋଇସିଂହା ଥାନାରେ ଜିମା ଦେଇଥିଲେ । ପ୍ରାୟ ୮ ଜଣ ସାକ୍ଷୀଙ୍କ ବୟାନ ଓ ୬ ଗୋଟି ଦସ୍ତାବିଜକୁ ଭିତି କରି ମାଜିଷ୍ଟ୍ରେଟ ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଏପିପି ସୁଶିଲ କୁମାର ସୁଶାନି ଏବଂ ପ୍ରୀତିରଞ୍ଜନ ସାହୁ ମାମଲା ପରିଚାଳନା କରିଥିଲେ ।

# ଦୈବାୟତ୍ତଂ କୁଳେ ଜନ୍ମ ମଦାୟତ୍ତଂ ଚ ପୌରୁଷମ୍...

ବାଦଲ ଭୂୟାଁ

ଦୈବାୟତ୍ତଂ କୁଳେ ଜନ୍ମ ମଦାୟତ୍ତଂ ଚ ପୌରୁଷମ୍ ଯାହାର ଅର୍ଥ ହେଉଛି ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, ପୁରୁଷକାର ମୋର ଅଧୀନ। 'କର୍ଣ୍ଣ ବେଣୀ ସଂହାରମ୍'ରେ ଲିଖିତ ଏହି ପବିତ୍ର ଧାଡ଼ିଟିକୁ ନିଜ ଜୀବନର ମହାମନ୍ତ୍ର ରୂପେ ଗ୍ରହଣ କରି କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତରେ ଜଣେ ଅଦ୍ୱିତୀୟ ରାଜନେତା, ସାହିତ୍ୟ ଅନୁରାଗୀ ଓ ସାମ୍ବାଦିକତାର ତ୍ରିବେଣୀ ସଙ୍ଗମ ଭାବେ ତିନୋଟି ପରିଚୟରେ ପ୍ରତିବାଦିତ୍ୱ ଖ୍ୟାତନାମା ରାଜନୈତିକ ବ୍ୟକ୍ତିତ୍ୱ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକ ଆଉ ନାହାଁନ୍ତି। ବରେଣ୍ୟ ଜନନାୟକ, ମହାନରାଷ୍ଟ୍ରନୀତିଜ୍ଞ, ବିଚକ୍ଷଣ ରାଜନୀତିଜ୍ଞ, ପ୍ରତିଥଯଶା ଲେଖକ, ନିରବ ସ୍ୱାରସ୍ୱତ ସାଧକ, ବିଶିଷ୍ଟ ସାମ୍ବାଦିକ ଏମିତି ଅନେକ ପରିଚୟ ତାଙ୍କର। ସାମ୍ବାଦିକତା ହେଉ କି ରାଜନୀତି, ସୃଜନ ହେଉ କି ସଂସ୍କୃତି ସବୁଠି ସେ ଛାଡ଼ି ଯାଇଛନ୍ତି ତାଙ୍କ କୃତିତ୍ୱର ଅମଳିନ ଛାପ। ଜଣେ ଅସାଧାରଣ ବିଦ୍ୱାନ ଓ ବାଗ୍ମୀ ଏବଂ ସର୍ବୋପରି ଜଣେ ସ୍ୱାଭିମାନୀ ଓଡ଼ିଆ ଭାବରେ ସେ ପ୍ରତ୍ୟେକ ଓଡ଼ିଆ ହୃଦୟରେ ନିଜ ପାଇଁ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ଓଡ଼ିଶା କଂଗ୍ରେସ ରାଜନୀତିରେ



ରାଜନୀତିର ଚାଣକ୍ୟ କୁହାଯାଉଥିବା ଏହି ଧରଣୀର କୃଷ୍ଣସାରଙ୍କୁ କେନ୍ଦ୍ର କରି ଘୁରୁଥିଲା ରାଜ୍ୟ ରାଜନୀତିର ଚକ୍ର। ଦୀର୍ଘ ପାଞ୍ଚ ଦଶନ୍ଧି ଧରି ତାଙ୍କ ପ୍ରଭାବ ଛାଇ ହୋଇରହିଥିଲା ସାରା ଓଡ଼ିଶାରେ। ତାଙ୍କ ବିନା ନାଁ କରାଯାଇ ପାରୁଥିଲା ସାହିତ୍ୟ ଓ ସାମ୍ବାଦିକତାର ହିସାବ ନିକାଶ। ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଶାର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଜୀବନକୁ ଆଚ୍ଛନ୍ନ କରିରଖିଥିବା ଏହି ମହାନାୟକଙ୍କ ପାର୍ଥିବ ଶରୀରର ଆଜି ବୁଧବାର ପୁରୀର ସ୍ୱର୍ଗଦ୍ୱାରରେ ପଞ୍ଚଭୂତରେ ଲୀନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିଜ ଆରାଧ ଭଗବାନ ଭାବେ ଗ୍ରହଣ କରିଥିବା ଜାନକୀ ବାବୁଙ୍କ ଆତ୍ମା ସେହି ମହାପ୍ରଭୁଙ୍କ ପଦାରବିନ୍ଦରେ ଲୀନ ହୋଇଛି।

ସାହିତ୍ୟ ସୃଜନଶୀଳ ସାଧନାର ଏହି ଅଦ୍ୱୈତ୍ୟ ମଉଡ଼ମଣି ତାଙ୍କ ସ୍ୱରଚିତ କବିତା 'ଅସୂୟା'ରେ ଲେଖିଯାଇଛନ୍ତି 'ମୋର ଯାତ୍ରାପଥ / ଦୀର୍ଘ କଙ୍କରିତ କେତେ ଡ଼ିପ, କେତେ ଖାଲ କ୍ୱଚିତ ମିଳଇ ସମତଳ ଖାଲି କଣ୍ଟା ମାଇଲ୍, ମାଇଲ ମୁଁ ନିଶ୍ଚୟ କରିଅଛି ଯିବି ଏଇ ବାଟେ ଥାଉ କଣ୍ଟା, ଖାଲଡ଼ିପ / ମୁଁ ଚାଲିବି ମୋଟେ ନ ଓହରି, ମୋର ଲକ୍ଷ୍ୟ ପଥେ।।' ନିଜ ଜୀବନର ଅନ୍ତର୍ନିହିତ ଚେତନାକୁ ବେଶ୍ ବୁଝିପାରିଥିବା ଏହି ଅଦ୍ୱୈତ୍ୟ ଜନନାୟକଙ୍କ ରାଜନୈତିକ ଜୀବନ ବାସ୍ତବରେ କମ୍ ଝଡ଼ଝଞ୍ଜାପୂର୍ଣ୍ଣ ନୁହେଁ। ରାଜ୍ୟରେ ତିନିଥର ମୁଖ୍ୟମନ୍ତ୍ରୀ ପଦ ଦାୟିତ୍ୱ ଠାରୁ କେନ୍ଦ୍ରରେ ମନ୍ତ୍ରୀପଦ ଓ ରେକର୍ଡ଼ଧାରୀ ଛଅ ଛଅ ଥର ପିସିସିର ସୁପ୍ରିମୋର ଡୋର ମଧ ଧରିଛନ୍ତି। ରାଜନୀତିର ଜୀବନ ଛାତ୍ର କଂଗ୍ରେସ ସଭାପତି ଦାୟିତ୍ୱରୁ ନିଜ ଅସାଧାରଣ ନେତୃତ୍ୱ ପାଇଁ କଂଗ୍ରେସର ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ୧୯୭୧ରେ ପ୍ରଥମେ ଲୋକସଭାକୁ ନିର୍ବାଚିତ ହୋଇ ୧୯୭୩ରେ ପ୍ରତିରକ୍ଷା ବିଭାଗର ଦାୟିତ୍ୱରେ ଥିଲେ। ୧୯୮୦ରେ ପୁର୍ନବାର ଲୋକସଭାକୁ ନିର୍ବାଚିତ ହୋଇ କ୍ୟାବିନେଟ ଦାୟିତ୍ୱ ତୁଲାଇଥିଲେ। ଜୁନ୍ ୧୦ରେ ପ୍ରଥମଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲାପରେ ପୁନର୍ବାର ୧୯୮୫ରେ ଏହି ଦାୟିତ୍ୱ ନେଇଥିଲେ। ୧୯୯୫ରେ ତୃତୀୟଥର ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ପରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

ଏହି ନିପୁଣ ରାଷ୍ଟ୍ରନାୟକ, ନିଷ୍ଠାବାନ ଦେଶପ୍ରେମୀ, ନିରଳସ ସାହିତ୍ୟିକ ଓ ନୀତିନିଷ୍ଠ ବ୍ୟକ୍ତିତ୍ୱଙ୍କ ମହାପ୍ରୟାଣ ସହିତ ବାସ୍ତବରେ ଓଡ଼ିଶାରେ ଗୋଟିଏ ଯୁଗର ଅବସାନ ଘଟିଲା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକବାର୍ତ୍ତା ଅତ୍ୟନ୍ତ ଯଥାର୍ଥ। ରାଷ୍ଟ୍ରନେତା ଭାବେ ତାଙ୍କର ସମ୍ପ୍ରସାରିତ ଦୃଷ୍ଟିକୋଣ ଓ ବ୍ୟକ୍ତିତ୍ୱ କ୍ଷେତ୍ରରେ ତାଙ୍କର ଧୈର୍ଯ୍ୟ, ବିଶାଳ ଉଦାରତା ଓ ସହନଶୀଳତା ନିଶ୍ଚିନ୍ତ ଭାବରେ ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରେରଣାର ମାର୍ଗଦର୍ଶନ। ଯଥାର୍ଥରେ ତାଙ୍କୁ କୁହାଯାଇପାରେ ସ୍ୱପ୍ନ ଓ ସଂକଳ୍ପର ପ୍ରମୂର୍ତ୍ତ ପ୍ରତିଭୂ ଚଳନ୍ତି ବିଗ୍ରହ। ନିଜର 'ସିନ୍ଧୁ ଉପତ୍ୟକା'ରେ ସେ ଲେଖିଯାଇଛନ୍ତି 'ଆସୁ ଝଞ୍ଜା ଆସୁ ଝଡ଼, ଆସୁ କେତେ ବାଧାର ପାହାଡ଼, କନକ ମୁକୁଟ ମୁହିଁ ଚାହେ ନାହିଁ କଣ୍ଟା ଲାଗେ ଭଲ..... ଏ କଣ୍ଟାରେ ଫୁଟୁ ଫୁଲ ଆଗାମୀ କାଲିର, ସେହି ଫୁଲ ପାଇଁ ମୋର ସବୁ ଶ୍ରମ, ସ୍ୱେଦ, ଅଶ୍ରୁ, ଶୋଣିତର ଧାର....'। ରାଜନୀତି ବା କଂଗ୍ରେସ ଦଳର ନେତୃତ୍ୱର ଉର୍ଦ୍ଧ୍ୱରେ ଏହି ମହାନ ରାଷ୍ଟ୍ରନୀତିଜ୍ଞ ଥିଲେ ଓଡ଼ିଶାର ଅବିସମ୍ବାଦିତ ମୁରବୀ। ସବୁବର୍ଗର ଲୋକେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ତାଙ୍କର ସୌଜନ୍ୟ ଓ ଶାଳୀନପୂର୍ଣ୍ଣ ବ୍ୟବହାର ସମସ୍ତଙ୍କୁ ବିମୁଗ୍ଧ କରିପାରିଥିଲା। ଗୋଟିଏ ଧାଡ଼ିରେ କହିଲେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନ ଥିଲା ଏକ କର୍ମମୟ, ଧର୍ମମୟ ଓ ସ୍ୱପ୍ନମୟ ଜୀବନ। ୧୯୮୫ରେ ଓଡ଼ିଆକୁ ରାଜଭାଷାର ମର୍ଯ୍ୟାଦା ଦେବା ସହ ତାଙ୍କରି ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଶିକ୍ଷାୟନକୁ ଦୃଷ୍ଟିରେ ରଖି ହଜାରେ ଶିକ୍ଷର ଯୋଜନା ହାତକୁ ନେଇଥିଲେ। ୧୯୮୦ରେ ସେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରୁ ହିଁ ଆରମ୍ଭ କରିଥିଲେ ବିଦ୍ୟୁତ ସଂସ୍କାର କାର୍ଯ୍ୟକ୍ରମ। ୧୯୯୫ ଅପ୍ରେଲରେ ରାଜ୍ୟର ଏଗାରଟି ଆଦିବାସୀ ବହୁଳ ଓ ପଚିଶଟି ମରୁଡ଼ି ପ୍ରବଣ ବ୍ଲକରେ ଆରମ୍ଭ କରିଥିଲେ ଦୁଇଟଙ୍କିଆ ଚାଉଳ ଯୋଗାଣ ପରେ ୧୯୯୫ ଜୁଲାଇରେ ରାଜ୍ୟର ବୟାଳିଶ ହଜାର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ହାତକୁ ନେଇଥିଲେ। ଓମ୍‌ଫେଡ଼ ପ୍ରତିଷ୍ଠାତାରୁ ନିଜେ କେନ୍ଦ୍ରରେ ପ୍ରତିରକ୍ଷା ଦାୟିତ୍ୱରେ ଥିବାବେଳେ ଚିଲିକାରେ ନୌବାହିନୀର ତାଲିମ କେନ୍ଦ୍ର, ଗୋପାଳପୁରରେ କ୍ଷେପଣାସ୍ତ୍ର ପ୍ରତିରୋଧ ତାଲିମ କେନ୍ଦ୍ର, ବଲାଙ୍ଗୀରରେ ଗୋଳାବାରୁଦ କାରଖାନା, କୋରାପୁଟରେ ଅସ୍ତ୍ରାଗାର ଓ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ସିଧାସଳଖ ବିମାନ ଓ ରେଳଚଳାଚଳ ପାଇଁ ବାଟ ଫିଟାଇଥିଲେ। ଓଡ଼ିଶାର ନଅଟି ଜିଲ୍ଲାକୁ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରିବା ସହ ପୁରୁଣା ରାଜଧାନୀ କଟକ ଓ ନୂଆ ଭୁବନେଶ୍ୱର ପାଇଁ ଅନେକ ପ୍ରଗତିମୂଳକ କାର୍ଯ୍ୟକ୍ରମ ସେ ହାତକୁ ନେଇଥିଲେ। କଳିଙ୍ଗ ଷ୍ଟୁଡିଓ ହେଉ ବା ହରେକୃଷ୍ଣ ମହାତାବ ରାଜ୍ୟ ପାଠାଗାର, କଳିଙ୍ଗ ଷ୍ଟାଡିୟମ୍ ହେଉ ବା ସାମନ୍ତଚନ୍ଦ୍ରଶେଖର ପ୍ଲାନିଟୋରିୟମ, ମହାତ୍ମା ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀ ପାର୍କ, ଓଡ଼ିଶୀ ଗବେଷଣା କେନ୍ଦ୍ର, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ମଧ ଥିଲା ତାଙ୍କରି କୃତିତ୍ୱର ଚିର ଭାସ୍ୱର କୀର୍ତ୍ତି। ସମଗ୍ର ଓଡ଼ିଶା ଅକ୍ଷୟତୃତୀୟାର ଅଖିମୁଠି ବାଢ଼ିବା ପାଇଁ ପ୍ରସ୍ତୁତି ହେଉଥିବାବେଳେ



ଜାନକୀ ବଲ୍ଲଭ ନିଜ ହାଟ ସଉଦା ସାରି ବାହୁଡ଼ିବାକୁ ଆରମ୍ଭ କରିଥିଲେ। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁକୂଳ ଅବସରକୁ ସତେକି ଜାନକୀ ବଲ୍ଲଭ ନିଜ ମହାଯାତ୍ରାର ଅନୁକୂଳ ପାଇଁ ଅପେକ୍ଷା କରିଥିଲେ। ବାସ୍ତବରେ ତାଙ୍କ ବ୍ୟକ୍ତିତ୍ୱର ଇତି ହୋଇନି ବରଂ ସେ ଚିରକାଳ ପାଇଁ ସେ ପ୍ରତିଟି ଓଡ଼ିଆଙ୍କ ପାଇଁ ଆଦର୍ଶ, ପ୍ରେରଣା ଓ ସାମର୍ଥ୍ୟର ଇତିହାସର ଜଣେ ଅମ୍ଳିନ ନାୟକ ଭାବେ ଚିରକାଳ ଆମ ସମସ୍ତଙ୍କ ପାଖରେ ତାରକା ପରି ଜାଜ୍ୱଲ୍ୟ ହୋଇରହିବେ। ଏହି ଅଦ୍ୱିତୀୟ ରାଷ୍ଟ୍ରନୀତିଜ୍ଞ ଓ ସୃଜନଶୀଳତାର ଧରଣୀର କୃଷ୍ଣସାରଙ୍କ ବ୍ୟକ୍ତିତ୍ୱଙ୍କ ପାଖରେ ମୋର କୋଟି କୋଟି ସଶ୍ରଦ୍ଧ ପ୍ରଣାମ।

♥ ୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ୍ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୦୯୨୦୪୭୫୨୦୭୫

# ପୂଜାରେ ଧୂପ କାଠି ଜଳାଇବା ସମୟରେ କରନ୍ତୁନି ଏହି ଭୁଲ: ନଚେତ୍ ଅଟକିଯିବ ବଂଶବୃଦ୍ଧି

*ଘର କିମ୍ବା ମନ୍ଦିରରେ ପୂଜା କରୁଥିବା ବେଳେ ଆମେ ସମସ୍ତେ ଧୂପ କିମ୍ବା କର୍ପୂର ପରି ଜିନିଷ ଜାଳିଥାଉ । ଆମେ ଏହା କିଛି ପରମ୍ପରା ଅନୁଯାୟୀ କରିଥାଉ କିମ୍ବା ସନାତନ ଧର୍ମରେ ଏ ବିଷୟରେ କୌଣସି ନିୟମ ଦିଆଯାଇଛି । ଆପଣ କେବେ ଭାବିଛନ୍ତି କି ଧୂପକାଠି ଜାଳିବାର ପ୍ରକୃତ କାରଣ କ'ଣ ହୋଇପାରେ ? ଅଗରବତୀକୁ ବାସ୍ତୁ ଶାସ୍ତ୍ରରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆଜି ଆମେ ଆପଣଙ୍କୁ ଏହି ବିଷୟରେ ସୂଚନା ଦେଉଛୁ ।*

**ଧୂପ କାଠି ଜଳାଇବାର ଫାଇଦା :**

ଜ୍ୟୋତିଷଙ୍କ ଅନୁଯାୟୀ କୌଣସି ଦେବତାଙ୍କ ପୂଜା ସମୟରେ ଧୂପକାଠି ଜାଳିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ଧୂପ କାଠିର ସୁଗନ୍ଧ ସହିତ ପୁରା ଘର ଭଲ ଗନ୍ଧ କରିଥାଏ, ଯେଉଁ କାରଣରୁ ଘରେ ସକରାତ୍ମକ ଶକ୍ତି ପ୍ରବାହିତ ହୁଏ। ଭଗବାନ ଓ ଦେବୀମାନେ ମଧ ଏହି ସୁଗନ୍ଧରେ ସନ୍ତୁଷ୍ଟ ଏବଂ ସେମାନେ ଆଗକୁ ବଢିବାକୁ ପରିବାରକୁ ଆଶୀର୍ବାଦ କରନ୍ତି। ଘରେ ଉପସ୍ଥିତ ଥିବା ମନ୍ଦ ଶକ୍ତି ଧୂପକାଠିର ସୁଗନ୍ଧରୁ ଦୂରେଇ ଯାଆନ୍ତି।



**ବାୟୁରେ ଥିବା ଜୀବାଣୁ ନଷ୍ଟ ହୋଇଯାଏ :**

ଅଗରବତୀ ପାଇଁ ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯଦି ଆମେ ଘରର ଦକ୍ଷିଣ ଦିଗରେ ଧୂପକାଠି ଜାଳେ, ତେବେ ଏହାର ପ୍ରଭାବ ଅଧିକା ଏହା ଘରେ ଉପସ୍ଥିତ ଥିବା ନକାରାତ୍ମକତାକୁ ଦୂର କରିଥାଏ। କେବଳ ଏତିକି ନୁହେଁ, ଧୂପକାଠିରୁ ବାହାରୁଥିବା ଧୂଆଁ ଦ୍ୱାରା ବାୟୁରେ ଉପସ୍ଥିତ ଥିବା ବିପଜ୍ଜନକ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ଯେଉଁଥିପାଇଁ ଘରର ପରିବେଶ ଶୁଦ୍ଧ ହୋଇ ପରିବାର ସଦସ୍ୟଙ୍କୁ ରୋଗରୁ ରକ୍ଷା କରାଯାଇଥାଏ।

**ଭୁଲରେ ମଧ ବାଉଁଶ ଧୂପ କାଠି ଜାଳନ୍ତୁ ନାହିଁ :**

ସନାତନ ଧର୍ମରେ ବାଉଁଶ ଗଛ ଶୁଭ ବୋଲି ବିବେଚନା କରାଯାଏ। ବିବାହ ପରି ଶୁଭ ଦିନରେ ମଣ୍ଡପ ତିଆରି କରିବା ପାଇଁ ବାଉଁଶ କାଠ ବ୍ୟବହୃତ ହୁଏ, କିନ୍ତୁ ଭୁଲରେ ମଧ ଆପଣ ବାଉଁଶ କାଠ ଧୂପ କାଠି ବ୍ୟବହାର କରିବା ଉଚିତ୍ ନୁହେଁ। ଏହା କରିବା ଅସମ୍ଭବ ବୋଲି ବିବେଚନା କରାଯାଏ ଏବଂ ପରିବାରକୁ ଏହାର ଖରାପ ପରିଣାମ ସହିବାକୁ ପଡିବ। ଏହା କରିବା ଦ୍ୱାରା, ବଂଶର ବୃଦ୍ଧି ବନ୍ଦ ହୋଇଯାଏ ଏବଂ ଘରେ ପିତୃ ଦୋଷ ଉତ୍ପନ୍ନ ହୁଏ।

# ବିମାନ ଦୁର୍ଘଟଣା ପରେ କାହିଁକି ଖୋଜାଯାଏ ବ୍ଲାକ୍ ବକ୍ସ: ଜାଣନ୍ତୁ ଏହା ପଛରେ ଥିବା ପ୍ରକୃତ କାରଣ

ବେଳେବେଳେ କୌଣସି କାରଣ ବସତଃ ଆକାଶରେ ଉଡୁଥିବା ବିମାନ ହଠାତ ଦୁର୍ଘଟଣାର ଶିକାର ହୁଏ । ମଝି ଆକାଶରୁ ତଳକୁ ଖସି ପଡ଼େ କି ସେହି ମଝି ଆକାଶରେ ନିଆଁ ଲାଗି ବିସ୍ଫୋରଣ ହୋଇଯାଏ । ଯାହାଫଳ୍‌ରେ ବିମାନରେ ଥିବା ହଜାର ହଜାର ଲୋକଙ୍କ ଜୀବନ ମଧ ଚାଲିଯାଏ । ତେବେ ଏହି ବିସ୍ଫୋରଣ ପରେ ତଦନ୍ତକାରୀ ସଂସ୍ଥା ଉକ୍ତ ବିମାନର ବ୍ଲାକ ବକ୍ସକୁ ଖୋଜିବାକୁ ଲାଗନ୍ତି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟକର କଥା ସେହି ବ୍ଲାକ ବକ୍ସ ବିସ୍ଫୋରଣ ପରେ ମଧ ନଷ୍ଟ ହୋଇ ନଥାଏ । ତେବେ ତଦନ୍ତକାରୀ ଟିମ୍ ପ୍ରକୃତରେ କାହିଁକି ସେହି ବକ୍ସକୁ ଖୋଜେ ସେଥିରେ ଏମିତି କଣ ରହିଥାଏ । ଯିଏକି ଦୁର୍ଘଟଣାର ସବୁ ରହସ୍ୟକୁ ଖୋଲିଦିଏ । ଆଉ ଏହି ରହସ୍ୟ ଖୋଲୁଥିବା ବକ୍ସକୁ ବ୍ଲାକ ବକ୍ସ କଣ ପାଇଁ କୁହାଯାଏ । ତେବେ ଆମେ ଆଜି ଆପଣଙ୍କୁ ଏହି ବ୍ଲାକ ବକ୍ସ କଣ ଏବଂ ଏହାର ରହସ୍ୟ କଣ ଏହି ସମ୍ବନ୍ଧରେ ଜଣାଇବୁ । ବାସ୍ତବରେ ବ୍ଲାକ ବକ୍ସ ହେଉଛି ବିମାନ ମଧରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପକରଣ । ବ୍ଲାକ୍ ବକ୍ସ ସବୁ ବିମାନରେ ରହିଥାଏ । ସେ ଯାତ୍ରୀ ବିମାନ ହେଉ କି ଯୁଦ୍ଧ ବିମାନ କି ବ୍ୟବସାୟୀକ ବିମାନ । ଏହି ଯନ୍ତ୍ର ବିମାନ ଉଡ଼ାଣର ସବୁ ଗତି ବିଧିକୁ ନିଜ ମଧରେ ରେକର୍ଡ କରି ରଖିଥାଏ । ଏହାକୁ ଫ୍ଲାଇଟ ଡାଟା ରେକର୍ଡ ମଧ କୁହାଯାଏ । ତେବେ ଏହି ବକ୍ସକୁ ସୁରକ୍ଷା ଦୃଷ୍ଟିରୁ ବିମାନର ଶେଷ ଭାଗରେ ରଖାଯାଇଥାଏ । କାରଣ ବିମାନଟି ଦୁର୍ଘଟଣା ଗ୍ରସ୍ତ ହେବା ପରେ ବିମାନର ଶେଷ ଭାଗର ଅଧିକ କ୍ଷତି ହୋଇନଥାଏ । ଏଥିସହିତ ଏହି ବକ୍ସଟି ବହୁତ ଶକ୍ତ ହୋଇଥାଏ । ଯାହାକି ଟାଇଟେନିୟମ ଧାତୁରେ ନିର୍ମାଣ ହୋଇଥାଏ । ତେଣୁ ଏହି ବ୍ଲାକ ବକ୍ସ ନିଆଁରେ ଜଳିଲେ କି ପାଣିରେ ପଡ଼ିଲେ ମଧ ଏଥିରେ ଥିବା ଡାଟାଗୁଡିକ ନଷ୍ଟ ହୋଇନଥାଏ । ଏତତ୍ ବ୍ୟତୀତ ଏହି ବ୍ଲାକ ବକ୍ସର ସବୁଠାରୁ ବଡ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ୨ ମାସ ପର୍ଯ୍ୟନ୍ତ ଚାର୍ଜ ରହିପାରେ । ଯାହା ଦ୍ୱାରା ତଦନ୍ତକାରି ସଂସ୍ଥା ଫ୍ରିକ୍ୱେନ୍ସି ମାଧମରେ ଏହାକୁ ଖୋଜି ପାଇଥାନ୍ତି । ତେବେ ଏହି ବକ୍ସ ୧୧ ହାଜାର ଡିଗ୍ରି ସେଲସିୟସ ତାପମାତ୍ରାରେ ବି କିଛି କ୍ଷତି ହୋଇନଥାଏ । ଏହାର ରଙ୍ଗ ଲାଲ ହୋଇଥିବାର ଏହାକୁ ଖୋଜିବାରେ ସୁବିଧା ମଧ ହୋଇଥାଏ । ତେବେ ଦୁର୍ଘଟଣା ପୂର୍ବରୁ ୨ ଘଣ୍ଟା ପର୍ଯ୍ୟନ୍ତ ଭଏସ ରେକର୍ଡ କରି ରଖିଥାଏ । ଯେଉଁଥିରୁ ଜଣାପଡ଼ିଯାଏ ବିମାନର ମାହୋଲ କେମିତିଥିଲା । ତେବେ ବିମାନ ଦୁର୍ଘଟଣା ବିଷୟରେ ଜାଣିବା ପାଇଁ ବିମାନରେ ଏହି ବ୍ଲାକ୍ ବକ୍ସକୁ ଲଗାଯାଇଥାଏ । କାରଣ ଦୁର୍ଘଟଣାର ୨ ଘଣ୍ଟା ପୂର୍ବର ଏହି ବକ୍ସ ସବୁ ତଥ୍ୟକୁ ରେକର୍ଡ କରି ରଖିଥାଏ । ଯାହାଫଳରେ ଦୁର୍ଘଟଣା ପରେ ଏହି ବ୍ଲାକ୍ ବକ୍ସକୁ ଖୋଜି ଦୁର୍ଘଟଣାର ପ୍ରକୃତ କାରଣ ଯାଣିବାକୁ ପାଆନ୍ତି । ଦୁର୍ଘଟଣା କିପରି ଘଟିଲା , ଦୁର୍ଘଟଣା ସମୟରେ ବିମାନର ଉଚ୍ଚତା କେତେ ଥିଲା, ବେଗ, ଇନ୍ଧନ ସବୁ କିଛି ରେକର୍ଡ ହୋଇରହିଥାଏ । ତେବେ ୨୫ ଘଣ୍ଟାରୁ ଅଧିକ ସମୟ ଏଥିରେ ରେକର୍ଡ ହୋଇପାରିବ । ଯଦ ଇତିହାସକୁ ଦେଖିବା ତେବେ ଏହି ବ୍ଲାକ ବକ୍ସ ୫୦ ବର୍ଷରୁ ଅଧିକ ପୁରୁଣା ହେବ । ଯେତେବେଳେ ଅଧିକ ବିମାନ ଦୁର୍ଘଟଣା ହେଲା ସେତେବେଳେ ବୈଜ୍ଞାନିକ ମାନେ ଏହାକୁ ଲଗାଇବା ପାଇଁ ଚିନ୍ତା କଲେ । ତେଣୁ ୧୯୫୩ରୁ ୫୪ ମଧରେ ଆଲୋଚନା କରାଯାଇ ଏହାକୁ ବିମାନରେ ଲଗାଯାଇଥିଲା । ତେବେ ଏହା ଲାଲ ରଙ୍ଗ ଭଳି ଦେଖାଯାଉଥିବାରୁ ଏହାକୁ ରେଡ ଏଗ୍ କୁହାଯାଉଥିଲା । କିନ୍ତୁ ଏହାର ଭିତର ରଙ୍ଗ କଳା ଥିବାରୁ ଏହାକୁ ବ୍ଲାକ ବକ୍ସ କୁହାଯାଏ ।




# ଅଜବ ଦୁନିଆ

ବିଶ୍ୱର ବିଭିନ୍ନ ସ୍ଥାନରେ ଆଜି ବି ଅଜବଗଜବ ପରମ୍ପରା ରହିଛି । ବିଜ୍ଞାନ ଯେତେ ଆଗକୁ ଦୌଡୁଥିଲେ ମଧ ପରମ୍ପରା ଉପରେ କୌଣସି ପ୍ରଭାବ ପକାଇପାରିନି । ଯେତେବେଳେକି ଲୋକେ ଚନ୍ଦ୍ରରେ ଘର କରିବାକୁ ପ୍ରସ୍ତୁତ ହେଲେଣି, ସେହି ପିଢ଼ିରେ କିଛି ଲୋକ ପରମ୍ପରା ନାଁରେ ବିବାହ ପାଇଁ ରକ୍ତାକ୍ତ ହେଉଛନ୍ତି ତ ଆଉ କେଉଁଠି ପୁରୁଷତ୍ୱ ପ୍ରମାଣ କରିବାକୁ ପଶୁର ରକ୍ତ ମଧ ପିଉଛନ୍ତି । ଆଜି ଆମେ ଏପରି ଆଫ୍ରିକାନ ଜନଜାତି ବାବଦରେ କହିବୁ, ଯେଉଁଠାରେ ମହିଳାମାନେ ନିର୍ଦ୍ଦୟ ଭାବେ ମାଡ଼ ଖାଇଥାନ୍ତି । ତଥାପି ସେମାନେ ଏହାକୁ ସେମାନଙ୍କର ଗର୍ବ ବୋଲି ଭାବନ୍ତି ।

ହେମର ଟ୍ରାଇବର ଲୋକଙ୍କ ମଧରେ ଥିବା ଅଜବଗଜବ ପରମ୍ପରା ମଧରୁ ଏକ ପରମ୍ପରା ହେଉଛି ଉକୁଲି ତୁଲା । ଏହି ପରମ୍ପରା ଅନୁସାରେ ବିବାହର ବୟସ ହେବା ପରେ ପୁରୁଷ ଓ ମହିଳାଙ୍କୁ ଏହାର ପ୍ରମାଣ ଦେବାକୁ ପଡ଼ିଥାଏ । ଏଥିରେ ମହିଳାଙ୍କୁ ଖୁବ୍ ମାଡ଼ ମଧ ମରାଯାଇଥାଏ । ଯେମିତିକି ପୁଅମାନେ ପଶୁଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେଲେ ବିବାହ କରିପାରିବେ ନାହିଁ । ସେହିଭଳି ଯେଉଁ ମହିଳାଙ୍କୁ ଚାପୁଡ଼ା ମରାଯାଏ, ଆଉ ସେ ଯଦି କାନ୍ଦନ୍ତି ତେବେ ସେ ବିବାହ କରିପାରିବେ ନାହିଁ । ଆସନ୍ତୁ ଏହି ଅଜବ ପ୍ରଥା ବିଷୟରେ ଅଧିକ ଜାଣିବା । ବିବାହ ପାଇଁ ଯେଉଁ ମହିଳାଙ୍କୁ ଡକାଯାଇଥାଏ, ତାଙ୍କୁ ମାଡ଼ ମାରିବା ପାଇଁ ଏକ ଗ୍ରୁପ ଆସିଥାନ୍ତି । ଯାହାକୁ ମାଜା କୁହାଯାଏ । ସେମାନେ ସେହି ମହିଳାଙ୍କୁ ଠେଙ୍ଗାରେ ମାଡ଼ ମାରିବା ଆରମ୍ଭ କରିଥାନ୍ତି । ଏହି ସମୟରେ ସେମାନେ କଷ୍ଟରେ କାନ୍ଦି ପାରିବେ ନାହିଁ କି ସେଠାରୁ ଦୌଡ଼ି ଯାଇପାରିବେ ନାହିଁ । ମହିଳାମାନେ ଏହି ମାଡ଼କୁ ସହ୍ୟ କରିଥାନ୍ତି । ଯେଉଁ ମହିଳାଙ୍କୁ ମାଡ଼ ମରାଯାଏ ନାହିଁ, ସେ ମାଡ଼ ଖାଇବାକୁ ଭିକ ମାଗିଥାନ୍ତ।

ଏହି ପ୍ରକ୍ରିୟାରେ ଯେଉଁ ମହିଳାଙ୍କୁ ଅଧିକ ମାଡ଼ ମରାଯାଇଥାଏ ଏବଂ ସେ ଏହାକୁ ସହ୍ୟ କରିଥାନ୍ତି, ତାଙ୍କୁ ଆଗ ବିବାହ କରାଇ ଦିଆଯାଏ । ଯଦି ଆପଣ ଭାବୁଥିବେ ଏତେ ମାଡ଼ ପରେ ଜୀବନରେ ସୁଖ ରହିଛି । ତେବେ ଏହା ଭୁଲ ଭାବୁଛନ୍ତି । ଯେତେବେଳେ ଯାଏ ମହିଳା ଦୁଇଟି ସନ୍ତାନ ଜନ୍ମ ଦେଇନାହାନ୍ତି ସେ ଯାଏ ପରମ୍ପରା ନାଁରେ ଖୁବ୍ ମାଡ଼ ମରାଯାଇଥାଏ । ସବୁଠୁ ବଡ଼ କଥା ହେଉଛି କୌଣସି କାରଣ ନଥାଇ ପୁରୁଷ ମହିଳାଙ୍କୁ ମାଡ଼ ମାରିଥାନ୍ତି । ମହିଳାଙ୍କ ପିଠିରେ ମାଡ଼ର ଦାଗକୁ ସେମାନେ ଗର୍ବ ବୋଲି ଭାବନ୍ତି। ଏହି ଜନଜାତିରେ ପୁରୁଷଙ୍କୁ ଦ୍ୱିତୀୟ ବିବାହ ପାଇଁ ମଧ ଅନୁମତି ରହିଛି ।



## ଯେଉଁଠାରେ ମହିଳାଙ୍କୁ ପୁରୁଷଙ୍କଠାରୁ ମାଡ଼ ଖାଇବା ରହିଛି ପରମ୍ପରା

CMYK

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୧ ଏପ୍ରିଲ ୨୦୨୩, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜାତି ରାଜନୀତି...

କର୍ଣ୍ଣାଟକରେ ପ୍ରଚାର କରିବା ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଜାତି ଜନଗଣନା ଏବଂ ଅନ୍ୟାନ୍ୟ ପଛୁଆ ଶ୍ରେଣୀ/ବର୍ଗ (ଓବିସି)ମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଆହ୍ୱାନ ଦେଇଛନ୍ତି । ଓବିସିମାନଙ୍କ ଜନସଂଖ୍ୟା ୪୦ ପ୍ରତିଶତରୁ ଅଧିକ ହେବା ଆଶା କରାଯାଉଛି । ବର୍ତ୍ତମାନ ସୁଦ୍ଧା ଦାବିଡ଼ୀୟ ଏବଂ ମଣ୍ଡଳ-ଆଧାରିତ ଉତ୍ତର ଭାରତୀୟ ରାଜନୀତିକ ଦଳମାନଙ୍କ ଦ୍ୱାରା ଏହି ଦାବି ଉପସ୍ଥାପନ କରାଯାଇ ଆସିଥିବା ବେଳେ ପ୍ରଥମ ଥର ପାଇଁ ଗାନ୍ଧୀ ପରିବାରର ଜଣେ ନେତା ଏ ଦାବିକୁ ଉଠାଇଛନ୍ତି । ଅପର ପକ୍ଷରେ ସାମାଜିକ ନ୍ୟାୟ ମଞ୍ଚ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏବଂ ଡିଏମ୍ ସଭାପତି ଏମ୍ ଷ୍ଟାଲିନ୍ ୨୦୨୪ ଲୋକସଭା ନିର୍ବାଚନରେ ବିରୋଧୀମାନଙ୍କୁ ଏକାଠି ହୋଇ ବିଜେପି ବିରୁଦ୍ଧରେ ଲଢ଼ିବାକୁ ଆହ୍ୱାନ ଦେଇଥିବା ବେଳେ କଂଗ୍ରେସ ଦ୍ୱାରା ଏହାର ଏକ ଉପାଦାନ- ଜାତି ଜନଗଣନାକୁ ଆୟୁଧ କରାଯିବା ଭଳି ଗ୍ରହଣୀୟତା ଏହାକୁ ଏକ ବ୍ୟାପକ ଏବଂ ତତ୍କାଳ ଗ୍ରହଣୀୟତାରେ ପରିଣତ କରିଥିବା ଭଳି ମନେହୁଏ । କଂଗ୍ରେସ ଦଳର ଉଭୟ ବରିଷ୍ଠ ନେତା ବର୍ତ୍ତମାନର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାଡ଼୍ ଏବଂ ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ଦାବି କରିଛନ୍ତି ଯେ କେନ୍ଦ୍ର ସରକାର ତୁରନ୍ତ ଏକ ଜାତିଭିତ୍ତିକ ଜନଗଣନା ଆରମ୍ଭ କରନ୍ତୁ । ଶ୍ରୀଯୁକ୍ତ ଖାଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏ ସମ୍ପର୍କରେ ଏକ ପତ୍ର ଲେଖୁଛନ୍ତି; ରାହୁଲ ଗାନ୍ଧୀ ଦାବି କରିଛନ୍ତି ଯେ ସରକାର ୨୦୧୧ର ଜାତିଗତ ତଥ୍ୟକୁ ସର୍ବସାଧାରଣରେ ପ୍ରକାଶ କରନ୍ତୁ ଏବଂ ପଛୁଆ ଶ୍ରେଣୀଙ୍କ ପାଇଁ ସଂରକ୍ଷଣ ଉପରେ ରହିଥିବା ୫୦ ପ୍ରତିଶତର ସୀମା ବା କ୍ୟାପ୍‌କୁ ଉଠାଇ ନିଅନ୍ତୁ । ବିହାରରେ ଜେଡି (ୟୁ), ଆରଜେଡି ଏବଂ କଂଗ୍ରେସର ମହାଗଠବନ୍ଧନ ସରକାର ରାଜ୍ୟରେ ଏକ ଦୁଇ-ପର୍ଯ୍ୟାୟବିଶିଷ୍ଟ ଜାତିଭିତ୍ତିକ ଜନଗଣନା ଆରମ୍ଭ କରି ସାରିଛନ୍ତି ଏବଂ ଏହା ଆସନ୍ତା ମାସ ଅର୍ଥାତ୍ ମେ' ମାସ ସୁଦ୍ଧା ଶେଷ ହୋଇଯିବା ଆଶା କରାଯାଉଛି । ବିରୋଧୀମାନଙ୍କ ସାଙ୍ଗରେ ହାତ ମିଳାଇବା କ୍ଷେତ୍ରରେ ଏକ ପ୍ରମୁଖ ଖେଳାଳି ରହିଥିବା ଏନ୍‌ସିପି ମଧ୍ୟ ଅନ୍ୟମାନଙ୍କ ସ୍ୱରରେ ସ୍ୱର ମିଳାଇ ଜାତି ଜନଗଣନା ସମ୍ପର୍କରେ ଦାବି କରୁଛି । କିଛି ବର୍ଷ ପୂର୍ବେ ବର୍ତ୍ତମାନର ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ସଭାପତି ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ମଧ ଏ ବାବଦରେ ସ୍ୱର ଉତ୍ତୋଳନ କରିଥିଲେ । ଯଦି ଏହି ଆନ୍ଦୋଳନ କିଛି ଗତି ଲାଭ କରେ, ତା'ହେଲେ ଅନ୍ୟ ଆଞ୍ଚଳିକ ଦଳମାନଙ୍କୁ ମଧ ଏହା ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ସରକାରୀ ଭାବରେ ଏନ୍‌ଡିଏ ସରକାର ଏହି ଧାରଣାକୁ ଏକ 'ପ୍ରଶାସନିକ କଷ୍ଟକର ଏବଂ ଦୁରୂହ କାର୍ଯ୍ୟ' ବୋଲି କହି ଏଡ଼ାଇ ଆସୁଛନ୍ତି, କିନ୍ତୁ ଏ ପ୍ରକାରର ସଫେଇ ସେତିକି ବେଳେ ଯଥେଷ୍ଟ ହେବନାହିଁ । ପଛୁଆ ଶ୍ରେଣୀଙ୍କ ପାଇଁ ସଂରକ୍ଷଣ ହେଉଛି ସ୍ୱାଧୀନ ଭାରତରେ ସର୍ବବୃହତ୍ ସକାରାତ୍ମକ କାର୍ଯ୍ୟ ଯାହା ପଛରେ ସମ୍ବିଧାନର ସ୍ୱୀକୃତି ମଧ୍ୟ ରହିଛି । ତେବେ ଅନ୍ୟାନ୍ୟ ପଛୁଆ ଶ୍ରେଣୀ/ବର୍ଗ ଯେଉଁମାନେ କି ଜନସଂଖ୍ୟାର ଏକ ଉଲ୍ଲେଖନୀୟ ଅଂଶ, ସେମାନେ ସେମାନଙ୍କର କୋଟା ବା ସ୍ଥାନ ସଂରକ୍ଷଣର ସୁବିଧାକୁ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ପ୍ରସ୍ତାବିତ ମାନଦଣ୍ଡ ଆଧାରରେ ଲାଭ କରିଥାନ୍ତି ଯେ ମୋଟ ସ୍ଥାନ ସଂରକ୍ଷଣର ମାତ୍ରା ୫୦ ପ୍ରତିଶତରୁ ଅଧିକ ହେବନାହିଁ ; ଯଦିଓ ଯେତେବେଳେ ଅର୍ଥନୀତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀଙ୍କ କଥା ଉଠିଲା, ସେତେବେଳେ ଏଥିରେ କିଛିଟା କୋହଳ ନୀତି ଅବଲମ୍ବନ କରାଗଲା । ସଂରକ୍ଷଣ ଅତ୍ୟାବଶ୍ୟକ ଭାବରେ ବୁଝାଇ ଥାଏ ଯେ ଏହା ହେଉଛି କ୍ଷମତାର ସବୁ ବିଭାଗରେ ଲୋକମାନଙ୍କ ପର୍ଯ୍ୟାପ୍ତ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥା । ଯେହେତୁ ଏହା କେବଳ ଏକ ଧାରଣା ନୁହେଁ, ଏକ ବାସ୍ତବ ଉପକରଣ, ତେଣୁ ଏହା ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ଓ ସରକାରୀ ଚାକିରିଗୁଡ଼ିକରେ ପ୍ରବେଶ କରିଆରେ ଏହାର ସାଂଖ୍ୟକ ରୂପକୁ ଲାଭ କରିଥାଏ । ଏକ ଜାତି- ଆଧାରିତ ଜନଗଣନା ଆମ ସମାଜର ଏକ ବିଶାଳ, ସ୍ପଷ୍ଟ ଏବଂ ଉଜ୍ଜ୍ୱଳ ଚିତ୍ର ପ୍ରଦାନ କରିବ, ଯାହା ସରକାର ଏବଂ ସମାଜକୁ ଏହାଙ୍କର କାର୍ଯ୍ୟସୂଚୀ ସ୍ଥିର କରିବା ସହିତ ଏକ ଉତ୍ତମ ପରିସର ସୃଷ୍ଟି କରିବା ନିମନ୍ତେ ସମ୍ବଳ ଆବଣ୍ଟନ କରିବାରେ ସାହାଯ୍ୟ କରିବ । ସାମାଜିକ ନ୍ୟାୟ ଏକ ଦ୍ରୁତଗତିରେ ଦୌଡ଼ିବା ଭଳି କାର୍ଯ୍ୟ ନୁହେଁ, ତଥାପି ମାରାଥନ୍ ରେସ୍‌ରେ ମଧ୍ୟ ନିର୍ଦ୍ଧାରିତ ପଥ ଏବଂ ସୀମା ରହିଥାଏ । ତେଣୁ ଭାରତ ଯଦି ଏକ ରାଷ୍ଟ୍ର ଭାବରେ ସାମାଜିକ ନ୍ୟାୟର ଲକ୍ଷ୍ୟ ହାସଲ କରିବାକୁ ଚାହୁଁଥାଏ, ତା'ହେଲେ ଏହାକୁ ନିଜର ପଥ ଏବଂ ଲକ୍ଷ୍ୟସ୍ଥଳ ସ୍ଥିର କରିବାକୁ ପଡ଼ିବ । ଜାତି ଜନଗଣନା ଏ ଦିଗରେ ଏକ ପ୍ରଥମ ପଦକ୍ଷେପ ହୋଇ ପାରିବ ।

# ସତ୍‌ସଙ୍ଗର ଆହ୍ୱାନ : ସତ୍‌ସଙ୍ଗୀ ସାବଧାନ



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସତ୍‌ସଙ୍ଗର ପ୍ରାଣପୁରୁଷ ଭଗବାନ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ ଉଦ୍‌ଘୋଷଣା କଲେ - ସତ୍‌ରେ ସଂଯୁକ୍ତିର ସହିତ ତଦ୍‌ଗତି ସମ୍ପନ୍ନ ଯେଉଁମାନେ ସେହିମାନେ ହିଁ ହେଲେ ସତ୍‌ସଙ୍ଗୀ ଓ ସେମାନଙ୍କର ମିଳନ କ୍ଷେତ୍ର ହେଲା ସତ୍‌ସଙ୍ଗ । ସତ୍‌ସଙ୍ଗର ଗତି ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବ୍ୟକ୍ତ କଲେ - ସତ୍‌ସଙ୍ଗ ଚାହେଁ ମଣିଷ, ଈଶ୍ୱର କୁହ, ଖୋଦା ହିଁ କୁହ, ଭଗବାନ ବା ଅସ୍ତିତ୍ୱ ହିଁ କୁହ, ଭୂତ ମହେଶ୍ୱର ଯିଏ ଏକ - ତାଙ୍କରି ନାମରେ, ସେ ବୁଝେନା ହିନ୍ଦୁ, ସେ ବୁଝେନା ଖ୍ରୀଷ୍ଟିୟାନ, ସେ ବୁଝେନା ମୁସଲମାନ, ସେ ବୁଝେନା ବୌଦ୍ଧ, ସେ ବୁଝେ ପ୍ରତି ପ୍ରତ୍ୟେକ ତାଙ୍କରି ସନ୍ତାନ, ସେ ଆନତ କରି ତୋଳିବାକୁ ଚାହେଁ ସମସ୍ତଙ୍କୁ ସେହି ଏକଙ୍କ ଠାରେ, ସେ ପାକିସ୍ତାନ ବୁଝେନା, ସେ ହିନ୍ଦୁସ୍ତାନ ବୁଝେନା, ଋଷିଆ ବୁଝେନା, ଚାଇନା ବୁଝେନା, ଇଉରୋପ ବା ଆମେରିକା ବୁଝେନା, ସେ ଚାହେଁ ମଣିଷ - ସେ ଚାହେଁ ପ୍ରତ୍ୟେକଟି ଲୋକ - ସେ ହିନ୍ଦୁ ହିଁ ହେଉ, ମୁସଲମାନ ବି ହେଉ, ଖ୍ରୀଷ୍ଟିୟାନ ବି ହେଉ, ବୌଦ୍ଧ ବି ହେଉ ବା ଯେ କେହି ହେଉନା କାହିଁକି ଯେପରି ସମବେତ ହୁଅନ୍ତି ତାଙ୍କରି ନାମରେ , ପଞ୍ଚବର୍ହିର ଉଦ୍ଦାମ ଆହ୍ୱାନରେ ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅଭୂତପୂର୍ବ ଐଶୀ ଶକ୍ତିର ପରିପ୍ରକାଶରେ ଭକ୍ତଜନ ବିମୋହିତ ପ୍ରେମାଶ୍ରୁ ବିସର୍ଜନ ପୂର୍ବକ ପ୍ରାର୍ଥନାରେ ଦୟାଲ ଦେଶରୁ ଲିପିବଦ୍ଧ ହେଲା ଅମୃତ ନିଷ୍ୟନ୍ଦୀ ସ୍ୱତଃ ଉତ୍ସାରିତ ବାଣୀ - ପୃଥିବୀ ପୃଷ୍ଠରେ ମନ୍ଦାକିନୀର ପୁଣ୍ୟଧାରା । ବଜ୍ର ଗମ୍ଭୀର କଣ୍ଠରେ ସ୍ୱହସ୍ତ ଲିଖିତ ସତ୍ୟାନୁସରଣରେ ଉଦ୍‌ଘୋଷିତ ହେଲା - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ । ପୁଣି ସେହି ସାବଧାନ ବାଣୀ - ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ - କାଞ୍ଚନ ପ୍ରତି ଆସକ୍ତିରୁ ଆସେ, ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି, ବିଷ ଅମୃତ ହୋଇଗଲା । ଆଉ ମା' କେବଳ ମା' - କାମିନୀ ନୁହେଁ । ମା'ଶେଷରେ ଗୀ ଦେଇ ଭାବିଲେ ହିଁ ସର୍ବନାଶ । ସାବଧାନ ! ମା'କୁ ମାଗୀ ଭାବି ମରନାହିଁ । ନିଜେ ଠିକ୍ ରହି ସମସ୍ତଙ୍କୁ ସତ୍ ଭାବରେ ଖୁସି କରିବାକୁ ଚେଷ୍ଟା କର, ଦେଖିବ ସମସ୍ତେ ତୁମକୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି । ସାବଧାନ ! ନିଜତ୍ୱ ହରାଇ କାହାରିକୁ ଖୁସି କରିବାକୁ ଯାଅନାହିଁ, ତା'ହେଲେ ତୁମ ଦୁର୍ଗତିର ସୀମା ରହିବନାହିଁ । ଯେତେପାର ସେବା କର, କିନ୍ତୁ ସାବଧାନ ! ସେବା ନେବାକୁ ଯେପରି ଇଚ୍ଛା ନହୁଏ । ସ୍ପଷ୍ଟବାଦୀ ହୁଅ, କିନ୍ତୁ ମିଷ୍ଟଭାଷୀ ହୁଅ, କହିବା ଆଗରୁ ବିବେଚନା କର, କିନ୍ତୁ କହି ବିମୁଖ ହୁଅନାହିଁ । ଯଦି ଭୁଲ କହିଥାଅ, ସାବଧାନ ! ଭୁଲ କରନାହିଁ । ପୁଣି ସେହି ସତର୍କ ବାଣୀ - ଖବରଦାର, କାହାକୁ ହୁକୁମ କରି କିମ୍ବା ଚାକର-ବାକର ଦ୍ୱାରା ଗୁରୁଙ୍କ ସେବା ଶୁଶ୍ରୂଷା କରାଇବାକୁ ଯାଅନାହିଁ - ପ୍ରସାଦରୁ ବଞ୍ଚିତ ହୁଅନାହିଁ । ଯାହାଙ୍କୁ ତୁମେ ଚାଳକ ରୂପେ ମନୋନୀତ କରିନେଇଛ, ତାଙ୍କ ପାଖରେ ତୁମ ହୃଦୟର କୌଣସି କଥା ଗୋପନ ରଖନାହିଁ । ଆଉ ଗୋପନ କରିବାକୁ ଇଚ୍ଛା ହେଲେ ହିଁ ଜାଣିରଖ, ତୁମ ହୃଦୟରେ ଦୁର୍ବଳତା ଆସିଛି ଏବଂ ଅବିଶ୍ୱାସ ତୁମକୁ ଆକ୍ରାନ୍ତ କରିଛି, ସାବଧାନ ହୁଅ, ନଚେତ ଅନେକ ଦୂରକୁ ଗଡ଼ିଯିବ । ଯଦି ପାପ କରିଥାଅ ତେବେ କାତର କଣ୍ଠରେ ତାହା ପ୍ରକାଶ କର, ଶୀଘ୍ର ହିଁ ସାନ୍ତ୍ୱନା ପାଇବ । ସାବଧାନ ! ସଂକୀର୍ଣ୍ଣତା ବା ପାପକୁ ଗୋପନ ରଖନାହିଁ, ଉତ୍ତରୋତ୍ତର ବର୍ଦ୍ଧିତ ହୋଇ ଅତି ସତ୍ୱର ତୁମକୁ ଅଧଃପତନର ଚରମକୁ ନେଇଯିବ । ଅନ୍ତରରେ ଯାହା ଗୋପନ କରିବ ତାହା ହିଁ ବୃଦ୍ଧି ପାଇବ । ଯେଉଁ ଭାବ ବିରୁଦ୍ଧ ଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନା ତାହା ହିଁ ବିଶ୍ୱାସ । ଗଭୀର ବିଶ୍ୱାସରେ ସବୁକିଛି ହୋଇପାରେ । ବିଶ୍ୱାସ କର, ସାବଧାନ ! ଅହଂକାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ - ଯାହା ଚାହଁ ତାହା ହିଁ ହେବ । ବିଶ୍ୱାସ କ୍ଷେତ୍ର ଅତ୍ୟନ୍ତ ଉର୍ବର । ସାବଧାନ ! ଅବିଶ୍ୱାସ ରୂପକ ଅନାବନା ଗଛରେ ସନ୍ଦେହ ରୂପକ ଅଙ୍କୁର ଉଠିବା ଦେଖିଲେ ହିଁ ତତ୍‌କ୍ଷଣାତ ତାହା ଉତ୍ପାଟନ କର, ନତୁବା ଭକ୍ତି ରୂପକ ଅମୃତ ବୃକ୍ଷ ଗଜେଇ ପାରିବନାହିଁ । କ୍ଳୀବତ୍ୱ, ଦୁର୍ବଳତା ଅନେକ ସମୟରେ ଭକ୍ତିର ଖୋଳପା ପିନ୍ଧି ଛିଡ଼ା ହୁଏ, ତାହାଠାରୁ ସାବଧାନ ହୁଅ । ପ୍ରିୟତମଙ୍କ ପାଇଁ କିଛି କରିବାକୁ ଇଚ୍ଛା ହୁଏନାହିଁ - ଅଥଚ ଖୁବ୍ ଭଲ ପାଏ - ଏକଥା ବି ଯାହା, ଆଉ ସୁନାର ପିତଳ ଘୁଘୁ କହିବା ମଧ ତାହା । ସ୍ୱାର୍ଥବୁଦ୍ଧି ହିଁ ପ୍ରାୟ ଉକ୍ତ ପ୍ରକାର ଭଲପାଏ, ତେଣୁ ସେହି ପ୍ରକାର ନିଷ୍କାମ - ଧର୍ମାକ୍ରାନ୍ତ ଭଲପାଇବା ଦେଖି ସାବଧାନ ହେବା ଭଲ, ନତୁବା ବିପଦର ସମ୍ଭାବନା ହିଁ ଅଧିକ ।

ଦ୍ୱାପର ଯୁଗରେ ଯୁଗାବତାର ଭଗବାନ ଶ୍ରୀକୃଷ୍ଣ ଭକ୍ତ କୁଳ ତିଳକ ଅର୍ଜୁନଙ୍କୁ କହିଥିଲେ - ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । ଠିକ୍ ସେହିପରି କଳିଯୁଗରେ କଳ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍‌ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
(ମୋ) : ୯୪୩୭୦୫୧୯୫୭

# ଜାନକୀ ବାବୁ : ସାହିତ୍ୟପ୍ରାଣ ରାଜନେତା ନା ରାଜନୀତିରେ ସକ୍ରିୟ ସାହିତ୍ୟିକ !





## ରଘୁନାଥ ମହାପାତ୍ର

ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତଥା କେନ୍ଦ୍ରମନ୍ତ୍ରୀ ହୋଇଥିବା ତଥା ଦୀର୍ଘ ସମୟ ଧରି ରାଜ୍ୟ ରାଜନୀତିର କେନ୍ଦ୍ର ହୋଇ ରହିଥିବା ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ ଜଣେ ସାହିତ୍ୟପ୍ରାଣ ରାଜନେତା ଥିଲା ନା ରାଜନୀତିରେ ସକ୍ରିୟ ଥିବା ଜଣେ ସାହିତ୍ୟିକ ଥିଲେ, ତାଙ୍କ ସାହିତ୍ୟ କୃତିକୁ ଦେଖିଲେ ଯେକେହି ଦ୍ୱନ୍ଦ୍ୱରେ ପଡ଼ିବା ସ୍ୱାଭାବିକ । ତେବେ ଉଭୟ ରାଜନୀତି ଓ ସାହିତ୍ୟରେ ସଫଳ ହୋଇଥିବା ଓଡ଼ିଆଙ୍କ ଭିତରେ ସେ ଯେ ଶେଷତମ ପ୍ରତିନିଧି ଥିଲେ, ଏଥିରେ ସନ୍ଦେହ ନାହିଁ । ପ୍ରାୟ ୧୪ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିବା ଶ୍ରୀ ପଟ୍ଟନାୟକ ରାଜନୀତିର ବ୍ୟସ୍ତବହୁଳ ଜୀବନ ଭିତରେ ଯେଉଁ ସାହିତ୍ୟ ସୃଷ୍ଟି କରି ଯାଇଛନ୍ତି, ତା'ର ତାଲିକା ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହେବେ । କେବଳ ଓଡ଼ିଆରେ ନୁହେଁ, ସଂସ୍କୃତରେ ତାଙ୍କର ପାଣ୍ଡିତ୍ୟ ଜାତୀୟସ୍ତରରେ ମଧ ସ୍ୱୀକୃତ । ସେ କବିତାରୁ ତାଙ୍କ ସୃଜନ ଯାତ୍ରା ଆରମ୍ଭ କରିଥିଲେ । ଖୋର୍ଦ୍ଧା ହାଇସ୍କୁଲରେ ପଢୁଥିବା ସମୟରେ ସ୍କୁଲ ପତ୍ରିକା ଅବକାଶରେ ପ୍ରକାଶିତ ହୋଇଥିଲା ତାଙ୍କର ପ୍ରଥମ କବିତା ଅଶୋକ । ସେଥିରେ ଥିଲା ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିବା ରାଜା ଅଶୋକଙ୍କ ଗୁଣଚର୍ଚ୍ଚା । ତାପରେ କବିତା ଲେଖା ଜାରି ରହିଲା ମଝେ ମଝେ ପ୍ରବନ୍ଧ । ସିନ୍ଧୁ ଉପତ୍ୟକା ତାଙ୍କର ଏକମାତ୍ର ପ୍ରକାଶିତ କବିତା ସଂକଳନ, ସେଥିରେ ଅଛି ୧୯୪୮ରୁ ୧୯୮୭ ମସିହା ମଧରେ ଦୀର୍ଘ ୪୦ ବର୍ଷ ଭିତରେ ସେ ଲେଖିଥିବା ୨୬ଟି ନିର୍ବାଚିତ କବିତା । ପରିମାଣ ଦୃଷ୍ଟିରୁ ୨୭ଟି କବିତା ବିଶେଷ ଅଧିକ ନୁହେଁ ଯଦିଓ, ଏହାର ଗୁଣାତ୍ମକ ଦିଗଟି ବେଶ୍ ବ୍ୟାପକ । ଏ ସଂକଳନଟି ହିନ୍ଦୀ, ବଙ୍ଗଳା ଓ ଅହମୀୟା ଭାଷାରେ ଅନୂଦିତ ହୋଇ ବେଶ୍ ଆଦୃତ ହୋଇଛି ।

ତାଙ୍କର ଦୁଇଟି ପ୍ରବନ୍ଧ ସଂକଳନ ପ୍ରକାଶିତ ସ୍ୱପ୍ନ ଓ ସଂକଳ୍ପ ଓ ନିର୍ବାଚିତ ପ୍ରବନ୍ଧ ସଂକଳନ । ଏ ପ୍ରବନ୍ଧଗୁଡ଼ିକର ସବୁଠାରୁ ଉଲ୍ଲେଖନୀୟ ଦିଗଟି ହେଉଛି, ଏଗୁଡ଼ିକର ବିଷୟବସ୍ତୁ, ଆଶ୍ଚର୍ଯ୍ୟଜନକ ଭାବେ ବିସ୍ତୃତ । ସେଥିରେ ରାଜନୀତି, ସଂସ୍କୃତି, ଇତିହାସ, ଧର୍ମ, ସାହିତ୍ୟ, ସମାଜ ଚେତନା, ପରିବେଶ ଆଦି ବିବିଧ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ସବୁ ଲେଖାରୁ ଲେଖକଙ୍କର ପାଣ୍ଡିତ୍ୟ, ବିସ୍ତୃତ ପଠନ ଓ ଅଭିଜ୍ଞତାର ସ୍ପଷ୍ଟ ପ୍ରମାଣ ମିଳେ । ତେବେ ଖବରକାଗଜର ସ୍ତମ୍ଭରେ ତଥା ଅନ୍ୟ କିଛି ପତ୍ରିକାରେ ସେ ଲେଖିଥିବା ଆହୁରି ଅନେକ ପ୍ରବନ୍ଧ ବା ନିବନ୍ଧ ସଂକଳିତ ହୋଇନାହିଁ । କେବଳ ରାଜନୀତି, ସଂସ୍କୃତି ବା ସାହିତ୍ୟକୁ ନେଇ ନୁହେଁ, କ୍ରୀଡ଼ାକୁ ନେଇ ମଧ ସେ ନିବନ୍ଧ ଲେଖିଛନ୍ତି । ପରିଣତ ବୟସରେ ଫୁଟବଲ୍ ବିଶ୍ୱକପ୍ ଉପରେ ସେ ଲେଖିଛନ୍ତି । ଏଥିରୁ ବିଷୟ ଚୟନ ମାମଲାରେ ତାଙ୍କ ପ୍ରବନ୍ଧଗୁଡ଼ିକ କେତେ ବିବିଧ ଅନୁମାନ କରାଯାଇପାରେ । ସଂସ୍କୃତରେ ଅଗାଧ ପାଣ୍ଡିତ୍ୟର ଅଧିକାରୀ ଶ୍ରୀ ପଟ୍ଟନାୟକ ଅନୁବାଦ କ୍ଷେତ୍ରରେ ବୋଧହୁଏ ସବୁଠାରୁ ଅଧିକ ସଫଳତା ହାସଲ କରିଛନ୍ତି । ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ତିନିଟି ଯାକ ପ୍ରମୁଖ ମହାଭାରତୀୟ ମହାଗ୍ରନ୍ଥର ଗଦ୍ୟାନୁବାଦ ସେ କରିଛନ୍ତି । ସେ ଅନୁବାଦର ଶୈଳୀ ଯେତିକି ପାଣ୍ଡିତ୍ୟପୂର୍ଣ୍ଣ ସେତିକି ସାବଲୀଳ । ଭର୍ତ୍ତୃହରିଙ୍କ ଶତକ ତ୍ରୟର ଓଡ଼ିଆ ଅନୁବାଦ ଶ୍ରୀ ପଟ୍ଟନାୟକଙ୍କ ସୃଜନ ଦକ୍ଷତା ଏବଂ ସଂସ୍କୃତ ଜ୍ଞାନର ସୁନ୍ଦର ପ୍ରମାଣ ବହନ କରେ । ଏହି ଅନୁବାଦ ପାଇଁ ସେ ଅନୁବାଦ ବିଭାଗରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ । କେବଳ ସେତିକିନୁହେଁ ଦୁଇଖଣ୍ଡରେ ପ୍ରକାଶିତ ବଙ୍କିମଚନ୍ଦ୍ରଙ୍କ ଉପନ୍ୟାସମାଳାର ଅନୁବାଦ ପାଇଁ ସେ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ସମ୍ମାନ । ଶ୍ରୀ ପଟ୍ଟନାୟକଙ୍କର ଅନ୍ୟ ପ୍ରକାଶିତ ଲୋକପ୍ରିୟ ବହିଗୁଡ଼ିକ ଭିତରେ ରିଛି ଗୌତମ ବୁଦ୍ଧ ଓ ରାମକୃଷ୍ଣ କଥାମୃତର ସୁନିର୍ବାଚିତ ପୁନକଥନ ମାଲୁଣୀର ଫୁଲ । ଜଣେ ସୁସାହିତ୍ୟିକ ବିଦ୍ୱାନ ଓ ପ୍ରଖ୍ୟାତ ସାମ୍ବାଦିକତା ପରି ସୃଜନଶୀଳ ଗୁଣରେ ପରିପୂର୍ଣ୍ଣ ଥିଲେ ଜାନକୀବଲ୍ଲଭ । ଓଡ଼ିଆ ସାହିତ୍ୟ କେବଳ ନୁହେଁ ସର୍ବଭାରତୀୟ ଭାଷା ସାହିତ୍ୟ କ୍ଷେତ୍ରରେ ତାଙ୍କ ଅବଦାନ କାଳଜୟୀ ହୋଇ ରହିବ ।

❤ସତ୍ୟଶ୍ରୀ ନିବାସ,
ତାରାଚାନ୍ଦପାଟଣା, କଟକ,
ମୋ: ୯୨୩୮୬୩୨୭୫୦




### ବୈଶାଖୀ
### ଦିନେଶ ମେହେର



ଦୁଇ ଆଖି ଖୋଲିଲା ଉତାରୁ
ଦୂର ଡଙ୍ଗର ଉପରୁ
ତତଲା ଝାଞ୍ଜି ଉଡ଼ି ଆସି
ମୁହଁରେ ପିଟି ହେଇ ଚାଲିଯାଏ
କେଉଁ ଦିଗନ୍ତପାରିର ଶେଷଯାଏଁ;

ଅନେକ ଜାଗା,
ଜମିବାଡ଼ି,କ୍ଷେତଖଳା
ଅବା ତଳ ସାହି ଶୁକ୍ରୁମାଳି ର
ବାଇଗଣ ବାଡ଼ି,
ସତେ, ଆଁ କରି ବସିଲାଣି ଶୋଷରେ
ଆହାଃ, ପାଣି ଟିକେ ମିଳି ଯାଆନ୍ତା
କି !


ଦିନର ଉକିଆ ଯେ ଏଡେ କଠୋର,
ଡଙ୍ଗର ତଳେ ଘର କରି ରହିଥିବା
ଡ଼ଙ୍ଗରିଆ ମାନେ
ଚାଳ କୁଡ଼ିଆ ଛାଡ଼ି ଯେ ଝା ବାଟେ
ଧାଁ ଦଉଡ଼ କଲେଣି,
ଆସରା ଟିକେ ପାଇବାକୁ ।

ହେଲେ କୋଉଠି ?
ଡଙ୍ଗର ସବୁ ତ ଏବେ ଟାଙ୍ଗରା !
ଯା ଦୁଇ ଅବା ଚାରି,
ସେ ତ ପୋଡ଼ି ଚାଲିଛି
ଅନିର୍ଦ୍ଧିଷ୍ଟ କାଳ ରୁ !

କାହାକୁ କହିବେ,
କେଉଁଠି କି ଯିବେ,
ରୂପାର ସହରକୁ
ନା
ସାଗର ମଝିରେ ଥିବା ଲବଙ୍ଗ ଦ୍ୱୀପକୁ
ସବୁଠେଇ ତ ବଇଶାଖୀ ଡେରା
ଜମେଇଛି
ତା ତତଲା ଯଉବନ ସାଥିରେ !

❤ପଳାସ, କଳାହାଣ୍ଡି

### ଏମିତି ହୁଅନ୍ତାନି
### ଜଗଦୀଶ ସାହୁ



ବାହା ବେଦୀରେ ହାତ ଉପରେ
ହାତକୁ ରଖିଦେଲୁ
କାହା କଥାରେ ତୋ'ମଥାରେ
ସିନ୍ଦୁର ଲଗେଇଲୁ !

ଭୁଲିଲୁ ମୋତେ କାନ୍ଦୁଛି କେତେ
ଦେଖି ଯା' ଆସିଥରେ
ମୋ ଆଖିଲୁହ ମନର କୋହ
ନିଇତି ତତେ ଝୁରେ
ପ୍ରଥମ ଥର ମନକୁ ତୋର
କେମିତି ବୁଝେଇଲୁ !

ଚାହେଁ ମୁଁ ତୋର ସୁଖ ସଂସାର
ଭଲ ବନ୍ଧୁଟେ ହୋଇ
ରାଣ ମୋହରି ଗଲେ ମୁଁ ମରି
ଲୁହ ଢାଳିବୁ ନାହିଁ
ଦୁଃଖ ମୋ ପାଇଁ ସତ ଲୁଚେଇ
ଛଳନା କିଆଁ କଲୁ !

❤ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬

### ସେଇ ଝିଅଟି
### ଦିନେଶ ମେହେର

ସିଏ ମୋ ମନର ନିଆରା ଇଲାକା
ଦେହ ଦହନର ଧାସ
ସିଏ ମୋ ପ୍ରେମର ଗୋଟିଏ ନାୟିକା
ଜୀବନର ଅବଶୋଷ ।

ଗହମ ରଙ୍ଗର ଚେହେରା ତାହାର
ସବୁଠୁ ନିଆରା ଆଖି
ଏ ପାଗଳ ମନ ପ୍ରେମରେ ପଡିଲା
ତା ନିଆରା ପଣ ଦେଖି ।

ଏତେ ଗୁଣ ତାକୁ ଦେଇଛି ଦଇବ
ଲେଖିଲେ ହେବନି ଶେଷ
ସିଏ ମୋ ମନର ଗୋଟିଏ ନାୟିକା
ଜୀବନର ଅବଶୋଷ ।

ଲେଖିଥିଲା ସିଏ ମୋ ପାଇଁ କବିତା
ପ୍ରୀତିଗୀତ ଗାଇଥିଲା
କଥା ଦେଇଥିଲା ଏଇ ଦେହ ମନ
ସବୁତ ତୁମର ହେଲା ।

ଶେଷରେ ତାରି ପଦିଏ କଥାରେ
ସବୁକିଛି ହେଲା ଶେଷ
ସିଏ ମୋ ମନର ଗୋଟିଏ ନାୟିକା
ଜୀବନର ଅବଶୋଷ ।

❤କବିର ଘର,
କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
ମୋ: ୭୦୦୮୩୧୫୦୪୦

### ସ୍ୱାଭିମାନି ମଣିଷ
### ଧ୍ରୁବ ଚରଣ ବେହେରା

ସ୍ୱାଭିମାନି ମୁହିଁ ନିରୀହ ମଣିଷ
ନାହିଁ ପାଶେ ଅଭିମାନ
ସତ୍ୟ ନ୍ୟାୟର ମୁଁ ପ୍ରତକ୍ଷ ପୂଜାରୀ
ଏହି ମାନ ସମ୍ମାନ ।

କହି ନାହିଁ କେବେ କହିବି ମୁଁ ନାହିଁ
କଟୁ ବଚନରେ ହାଣି
ନୁହେଁ ସ୍ୱାର୍ଥପର ଦୟା ଭାବ ରଖେ
ଏହି ମୋ ଅମୂଲ୍ୟ ବାଣୀ ।

କରି ନାହିଁ କେବେ ଗର୍ବ ଅହଂକାର
ବିଭୁର ଦୟାରେ ଚଳେ
ଅସୀ ସାଥେ ମସୀ ଧରିଛି ବୋଲି ମୁଁ
ମୁଣ୍ଡ ନଇଁ ମୁହିଁ ଚଳେ ।

କିଛି ଲାଭ ନାହିଁ ଗର୍ବ ଅହଂକାରେ
ସାଧୁତା ମୋ ମାତୃଭାଷା
କରେ ତା'ର ପୂଜା ନୁହେଁ ମୋ
ଧୃଷ୍ଟତା
ଉପକାରେ ରଖେ ଆଶା ।

ଆଜି ମଲେ କାଲି ହୁଏ ଦୁଇ ଦିନ
ଆଜି କଥା କାଲି ନାହିଁ
ଦୟାମୟ ଆହେ କରୁଣାର ଗତି
ତୋ ପାଦେ କର ଯୋଡଇ ।

ଅଲଣା କଥାରେ ମୁଣ୍ଡକୁ ପୂରାଇ
କାହିଁ ହେବି କାହା ଭେଟ
ସମୟ ଦୂଆରେ ବସିଥିବି ସଦା
ମୋ ମନ ରଖି ଉଚ୍ଚାଟ ।

ମଣିଷ ଚିହ୍ନିବା ଡେରି କରିଦେଲେ
ମାଡି ଆସେ ଘୋର ବଢି
ନଈ ଠାରୁ ସିଏ ଅଟଇ ସୁ ଦୀର୍ଘ
ବିପଦର କାଠଘଡି ।

ଜୀବନ ଯୌବନ କି ବଳକା ଧନ
ଆଜି ଅଛି କାଲି ନାହିଁ
ଆହେ ଦୟାମୟ କରିବେ କରୁଣା
ଥିବି ସ୍ୱଭିମାନି ହୋଇ ।

❤ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪



# ନିଜ ଗୋପନ ବିବାହର ରହସ୍ୟ ଖୋଲିଲେ ମାହି

ବିବାହ ପରି ବିରଳ ସାମାଜିକ ବନ୍ଧନକୁ ଯେତେ ଗୋପନ ରଖିଲେ ବି ଦିନେ ନା ଦିନେ ତାହା ନିଶ୍ଚୟ ଆତ୍ମପ୍ରକାଶ କରିବ । ବେଳେ ବେଳେ କୌଣସି ବିଶ୍ୱସ୍ତ ସୂତ୍ରରୁ ତାହା ଲୋକଲୋଚନକୁ ଆସିଥାଏ ତ କେବେ ମଧ୍ୟ ଗୁଜବର ଆହ୍ୱାନ ସ୍ୱରୂପ ତାହା ଆଉ ଅନ୍ଧାରରେ ରହିପାରିନଥାଏ । ତେବେ ନିଜର ଗୋପନ ବିବାହର ରହସ୍ୟକୁ ନିଜେ ଖୋଲିଥିବା ଅଭିନେତ୍ରୀ ମାହି ଗିଲ୍ ଏବେ ଚର୍ଚ୍ଚାରେ । ଉଦ୍ୟୋଗୀ ଅଭିନେତା ରବି କେଶରଙ୍କ ସହ ମାହିଙ୍କର ଦୀର୍ଘ ଏକ ଦଶନ୍ଧି ଧରି ପ୍ରେମ ସମ୍ପର୍କ ରହି ଆସିଛି ବୋଲି ଜୋରଦାର ଚର୍ଚ୍ଚା ଚାଲିଥିବା ବେଳେ ସେଭଳି ଗୁଜବକୁ ଆଉ ପ୍ରଶ୍ରୟ ଦେବାକୁ ସେ ପସନ୍ଦ କରିନାହାନ୍ତି । ୨୦୧୯ର ୱେବ୍ ଧାରାବାହିକ 'ଫିକ୍ସର'ର ସହଅଭିନେତା ରବିଙ୍କ ସହ ସେ ବିବାହ ବନ୍ଧନରେ ଆବଦ୍ଧ ବୋଲି ମାହି ସଦ୍ୟ ପ୍ରକାଶ କରିଛନ୍ତି । ସେ ଏବେ ଗୋଆରେ ଛଅ ବର୍ଷର ଏକମାତ୍ର କନ୍ୟା ବିରୋନିକା ଓ ସ୍ୱାମୀ ରବି କେଶରଙ୍କ ସହ ଅବସ୍ଥାନ କରୁଥିବା ଜଣାଯାଇଛି ।

ଏହା ପୂର୍ବରୁ ମଧ୍ୟ ୨୦୧୯ରେ ନିଜ ପ୍ରଶଂସକମାନଙ୍କୁ ମାହି ଏଭଳି ଏକ ଚାଞ୍ଚଲ୍ୟକର ଖବର ପରଷି ଚକିତ କରିଦେଇଥିଲେ । ସେତେବେଳେ ତାଙ୍କ ପାଖରେ ତାଙ୍କର ଏକ ଅଢ଼େଇ ବର୍ଷର କନ୍ୟାସନ୍ତାନ ରହିଛି ବୋଲି କହି ନାନା କଟାକ୍ଷର ଶିକାର ହୋଇଥିଲେ । ତେବେ ମାହି ନିଜକୁ ଜଣେ ଅତ୍ୟନ୍ତ ବ୍ୟକ୍ତିଗତ ବ୍ୟକ୍ତି ବୋଲି କହିବା ସହ କିଛି ବ୍ୟକ୍ତିଗତ କାରଣ ଯୋଗୁଁ ସେ ସାମାଜିକ ଗଣମାଧ୍ୟମରେ ବିରୋନିକାଙ୍କ ଫଟୋ ସେୟାର କରୁନାହାନ୍ତି ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ଜୀବନରେ ଏମିତି ଅନେକ ଘଟଣା ମଧ୍ୟ ରହିଛି ଯାହା ଲୋକଲୋଚନକୁ ଆସିନାହିଁ । ସୂଚନାଯୋଗ୍ୟ, ୨୦୦୩ରେ ପଞ୍ଜାବୀଭିତ୍ତିକ ବଲିଉଡ୍ ସିନେମା 'ହାବାୟେଁ'ରେ ପ୍ରଥମ ପଦାର୍ପଣ କରିଥିବା ମାହେ ୪୦ରୁ ଅଧିକ ହିନ୍ଦୀ ଓ ପଞ୍ଜାବୀ ସିନେମା ସମେତ ଚାରିଟି ୱେବ୍ ଧାରାବାହିକରେ ଅଭିନୟ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛନ୍ତି । ବିଶେଷ କରି 'ଦେବ ଡି' ଓ 'ସାହେବ ବିବି ଔର ଗାଙ୍ଗଷ୍ଟର' ଭଳି ଫିଲ୍ମରେ ତାଙ୍କ ଦକ୍ଷତା ସ୍ୱଷ୍ଟ ବାରିହୁଏ । ସେଥିପାଇଁ ତାଙ୍କୁ ୨୦୧୦ରେ ଫିଲ୍ମଫେୟାର ସମ୍ମାନ ଓ ସ୍କ୍ରିନ୍ ସମ୍ମାନ ସମେତ ଛଅଟି ଜାତୀୟ ସ୍ତରୀୟ ପୁରସ୍କାର ମିଳିଛି । ଆଗକୁ ୱେବ୍ ଧାରାବାହିକ '୧୯୬୨ ଦିବାର ଇନ୍ ଦି ହିଲ୍ସ'ରେ ତାଙ୍କୁ ଦେଖିବାକୁ ମିଳିବ ।

# ଜାହ୍ନବୀଙ୍କୁ ରାମଚରଣଙ୍କ ସହ ମିଳିଲା କାମ କରିବାର ସୁଯୋଗ



'ଆରଆରଆର' ଚଳଚ୍ଚିତ୍ର ସହିତ ଦେଶ ତଥା ବିଶ୍ୱବାସୀଙ୍କ ମନ କିଣିଥିବା ଅଭିନେତା ରାମଚରଣଙ୍କ ସହିତ ସମସ୍ତେ କାମ କରିବାକୁ ଚାହୁଁଛନ୍ତି । ଏହି ଫିଲ୍ମ ତାଙ୍କ ଚାହିଦା ବଢ଼ାଇ ଦେଇଛି । ଅନେକ ଅଭିନେତ୍ରୀ ତାଙ୍କ ସହ କାମ କରିବାକୁ ଚାହୁଁଥିବା ବେଳେ ଏବେ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ଏହି ସୁଯୋଗ ମିଳିଛି । ଜାହ୍ନବୀ ଏବଂ ଜୁନିଅର ଏନଟିଆର ଫିଲ୍ମ 'ଏନଟିଆର-୩୦' ରେ ଏକାଠି କାମ କରୁଥିବା ବେଳେ ଏବେ ଜାହ୍ନବୀ ରାମଚରଣଙ୍କ ସହ କାମ କରିବେ । 'ଏନଟିଆର-୩୦' ଜରିଆରେ ସାଉଥ ଫିଲ୍ମରେ ଅଭିନେତ୍ରୀ ଡେବ୍ୟୁ କରିସାରିଥିବା ବେଳେ ରାମଚରଣଙ୍କ ସହ ଏହା ତାଙ୍କର ଦ୍ୱିତୀୟ ତେଲୁଗୁ ଫିଲ୍ମ ହେବ । ତେବେ ଜାହ୍ନବୀ ଓ ରାମଚରଣ ଏକ ପ୍ୟାନ ଇଣ୍ଡିଆନ୍ ଫିଲ୍ମରେ କାମ କରିବା ସହ ଏହାର ନିର୍ଦ୍ଦେଶନା ଦେବେ ସାନା ବୁଚି ବାବୁ । କୁହାଯାଉଛି ଯେ ଅନେକ ଅଭିନେତ୍ରୀଙ୍କୁ ଏହି ଫିଲ୍ମ ଅଫର କରାଯାଇଥିବା ବେଳେ ଶେଷରେ ଅଫରଟି ଜାହ୍ନବୀଙ୍କୁ ମିଳିଛି । ରାମଚରଣ ଏହି ଚଳଚ୍ଚିତ୍ରରେ ଡବଲ ରୋଲରେ ଅଭିନୟ କରିବେ ବୋଲି ଜଣାପଡ଼ିଛି । ଜାହ୍ନବୀଙ୍କ ବ୍ୟତୀତ ମୃଣାଲ ଠାକୁର ଏହି ଫିଲ୍ମରେ ଅଭିନୟ କରିବେ ବୋଲି ସୂଚନା ରହିଛି ।

ତେବେ ଜୁନିଅର ଏନଟିଆରଙ୍କ ସହ କାମ କରିବାର ସୁଯୋଗ ମିଳିବା ପରେ ଜାହ୍ନବୀ କହିଥିଲେ, ମୁଁ ଏନଟିଆର ସାରଙ୍କ ସହ କାମ କରିବା ପାଇଁ ଭଗବାନଙ୍କ ଆଗରେ ପ୍ରାର୍ଥନା କରିଥିଲି । ମୁଁ ପ୍ରତ୍ୟେକ ସାକ୍ଷାତକାରରେ କହୁଥିଲି ଯେ ମୁଁ ଏନଟିଆର ସାରଙ୍କ ସହିତ କାମ କରିବାକୁ ଚାହୁଁଛି । ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର ଯାହା ମୋତେ ଏଭଳି ସୁଯୋଗ ଦେଇଛି । ଭଗବାନ ମୋ କଥା ଶୁଣିଛନ୍ତି । ଫିଲ୍ମ ମିଳିବା ପରେ ଏବେ ସୁଟିଂ ଆରମ୍ଭ ହେବା ଦିନକୁ ମୁଁ ଅନାଇ ବସିଛି । ସୁଟିଂ ଶୀଘ୍ର ଆରମ୍ଭ କରିବାକୁ ମୁଁ ନିର୍ଦ୍ଦେଶକଙ୍କୁ ମେସେଜ ବି କରୁଛି । 'ଆରଆରଆର' ଚଳଚ୍ଚିତ୍ରରେ ଏନଟିଆର ସାରଙ୍କ ଚରିତ୍ର ମୋତେ ଖୁବ ପ୍ରଭାବିତ କରିଥିଲା । ଏହି ଫିଲ୍ମ ଦେଖିବା ପ ?ରେ ତାଙ୍କ ସହ କାମ କରିବାର ଇଚ୍ଛା ଆହୁରି ବଢ଼ିଯାଇଥିଲା ।

# ପରଦାରେ ଦେଖାଦେବେ ଇରଫାନ୍ ଖାନ୍, ଚଳଚ୍ଚିତ୍ରର ପୋଷ୍ଟର ସେୟାର କଲେ ପୁଅ ବାବିଲ

ଅଭିନେତା ଇରଫାନ୍ ଖାନ୍ ଆଉ ଏ ଦୁନିଆରେ ନାହାନ୍ତି ସତ; ହେଲେ ତାଙ୍କ ପ୍ରଶଂସକଙ୍କ ମନରେ ସେ ଆଜିବି ଜୀବିତ ଅଛନ୍ତି । ଅଭିନୟ ଜଗତରେ ସେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କୁ ଭଲ ପାଉଥିବା ଦର୍ଶକଙ୍କ ପାଇଁ ଏକ ବଡ଼ ଖୁସି ଖବର । ଇରଫାନ୍ ଖାନ୍ ଅଭିନୟ କରିଥିବା ଶେଷ ଅନ୍ତର୍ଜାତୀୟ ସ୍ତରର ଚଳଚ୍ଚିତ୍ର 'ଦ ସଙ୍ଗ୍ ଅଫ୍ ସ୍କରପିଅନ୍' ମୁକ୍ତିଲାଭ କରିବାକୁ ଯାଉଛି ।

ଇରଫାନ ଖାନଙ୍କ ପ୍ରଶଂସକମାନେ ତାଙ୍କୁ କେତେ ଭଲ ପାଆନ୍ତି ତାହାର ପ୍ରମାଣ ଦେଉଛି ଏହି ଚଳଚ୍ଚିତ୍ରର ଟ୍ରେଲର । ପୁଅ ବାବିଲ ଖାନ ତାଙ୍କ ଇନଷ୍ଟାଗ୍ରାମରେ ଚଳଚ୍ଚିତ୍ରର ପୋଷ୍ଟର ସେୟାର କରି କ୍ୟାପସନ ଲେଖିଛନ୍ତି – 'ପ୍ୟାର, ଧୋକା ଅର ଏକ୍ ଗାନା' । ହ୍ୟାସଟ୍ୟାଗ୍ ସହିତ ଲେଖିଛନ୍ତି – ଦ ସଙ୍ଗ୍ ଅଫ୍ ସ୍କରପିଅନ୍ । ସେ ଆହୁରି ଲେଖିଛନ୍ତି ଯେ ଆସନ୍ତାକାଲି ଏହି ଫିଲ୍ମର ଟ୍ରେଲର ରିଲିଜ ହେବ, ୨୮ ଏପ୍ରିଲରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଏହି ପୋଷ୍ଟରେ ତାଙ୍କର ଅନେକ ପ୍ରଶଂସକ ପ୍ରତିକ୍ରିୟା ଦେଇଛନ୍ତି । ଏହା ପ୍ରମାଣ କରୁଛି ଯେ ଆଜି ବି ପ୍ରଶଂସକମାନେ ଇରଫାନଙ୍କୁ କେତେ ଭଲ ପାଆନ୍ତି । ସେମାନେ ଆଦୌ ଭୁଲି ନାହାଁନ୍ତି, ପ୍ରଶଂସକମାନେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଇଛନ୍ତି । ଏହି ଚଳଚ୍ଚିତ୍ରକୁ ଦେଖିବା ପାଇଁ ସମସ୍ତେ ଉତ୍ସାହିତ ଥିବା ଜଣାପଡ଼ିଛି । ପ୍ରଶଂସକମାନେ ଲେଖିଛନ୍ତି- ଆମେ ଆଜିବି ଆପଣଙ୍କୁ ମନେପକାଉଛୁ, ନିଶ୍ଚିତ ଭାବରେ ଏହି ଫିଲ୍ମ ଦେଖିବୁ । ଏଥି ସହିତ, ଅନେକ ଲୋକ ବାବିଲଙ୍କୁ ଧନ୍ୟବାଦ ଜଣାଇଛନ୍ତି ।






# ରାଘବ-ପରିଣୀତିଙ୍କ ବିବାହ ଗୁଜବ

କିଛି ମାସ ହେଲା ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ ବ୍ୟକ୍ତିଗତ ଜୀବନ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି । ଆମ୍ ଆଦ୍ମୀ ପାର୍ଟି ନେତା ରାଘବ ଚଡ଼ାଙ୍କ ସହ ସେ ଡେଟିଂ କରୁଥିବା ଶୁଣିବାକୁ ମିଳୁଥିଲା । କିଛି ସପ୍ତାହ ତଳେ ଦୁହିଁଙ୍କୁ ଦିଲ୍ଲୀ ଓ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିବା ପରେ ଦୁହେଁ ବିବାହ ପାଇଁ ଯୋଜନା କରୁଛନ୍ତି ବୋଲି ଖବର ପ୍ରଚାରିତ ହୋଇଥିଲା । ଏପରି ଖବର ଉପରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ଯାଇ ନିଜ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ମୁହଁ ଖୋଲିଛନ୍ତି ପରିଣୀତି ଚୋପ୍ରା ।

ଚୋପ୍ରା କହିଛନ୍ତି, ସାମାଜିକ ଗଣମାଧ୍ୟମରେ ତାଙ୍କର ଅତ୍ୟନ୍ତ ବ୍ୟକ୍ତିଗତ ଜୀବନ ବିଷୟରେ ମାତ୍ରାଧିକ ଆଲୋଚନା ହେଉଛି । ଏହାକୁ ସେ ଅପମାନଜନକ ମନେକରୁଛନ୍ତି । ତାଙ୍କ ବିଷୟରେ ଭୁଲ୍ ଧାରଣାର ପ୍ରସାର କରାଯାଉଥିବାରୁ ତାଙ୍କୁ ମୁହଁ ଖୋଲିବାକୁ ପଡ଼ିଲା । ନ ହେଲେ ବ୍ୟକ୍ତିଗତ ଜୀବନ ବିଷୟରେ କିଛି ସ୍ୱଷ୍ଟୀକରଣ ଦେବାର ଆବଶ୍ୟକତା ନ ଥିଲା ।

ପରିଣୀତିଙ୍କ ଘନଘନ ଗସ୍ତ ସମ୍ପର୍କରେ ନିକଟରେ ଗଣମାଧ୍ୟମ ରିପୋର୍ଟରେ ଓ ସାମାଜିକ ଗଣମାଧ୍ୟମରେ ବହୁତ କିଛି ପ୍ରଚାର କରାଯାଇଛି । ଅନେକ ସମୟରେ ରାଘବ ଚଡ଼ାଙ୍କ ସହ ପରିଣୀତିକୁ ମୁମ୍ବାଇ ବିମାନବନ୍ଦରରେ ଦେଖିବାକୁ ମିଳିଛି । ଲାଇଫ୍‌ଷ୍ଟାଇଲ ଏସିଆ ଇଣ୍ଡିଆକୁ ଏକ ସାକ୍ଷାତ୍‌କାର ଦେଇ ଅଭିନେତ୍ରୀ ମଧ୍ୟ ନିଜର ବାରମ୍ବାର ଯାତ୍ରା ସମ୍ପର୍କରେ ସ୍ୱଷ୍ଟ କରିଛନ୍ତି । ପରିଣୀତି କହିଛନ୍ତି, କେବଳ କାମ କରିକରି ସେ ଜୀବନକୁ ବରବାଦ କରିବାକୁ ଚାହାନ୍ତି ନାହିଁ । କାର୍ଯ୍ୟ ଓ ଜୀବନ ଭିତରେ ସେ ସନ୍ତୁଳନ ରକ୍ଷା କରିବାକୁ ଚାହାନ୍ତି । ଲୋକେ ବିମାନବନ୍ଦରରେ ମୋତେ ବାରମ୍ବାର ଦେଖିଛନ୍ତି ଓ ପଚାରିଛନ୍ତି- ମୁଁ କୁଆଡ଼େ ଯାଉଛି ଓ କ'ଣ କରୁଛି ଇତ୍ୟାଦି । କିନ୍ତୁ ମୁଁ ମୋ ଜୀବନରେ ସନ୍ତୁଳନ ରକ୍ଷା କରିବାକୁ ଯେ ସମର୍ଥ ଏହା ସେମାନେ ବୁଝିପାରିନାହାନ୍ତି ।

ନିକଟରେ ଗୁଜବ ଶୁଣିବାକୁ ମିଳୁଛି ଯେ ରାଘବ ଓ ପରିଣୀତିଙ୍କ ନିର୍ବନ୍ଧ ଖୁବ୍‌ଶୀଘ୍ର ହେବାକୁ ଯାଉଛି । ଗତମାସରେ ଆପ୍ ନେତା ସଞ୍ଜୀବ ଆରୋଡ଼ା ରାଘବ-ପରିଣୀତିଙ୍କୁ ଅଭିନନ୍ଦନ ଜଣାଇ ଟ୍ୱିଟ୍ କରିବା ପରେ ଗୁଜବ ପ୍ରସାରିତ ହୋଇଥିଲା । ବିବାହ ଗୁଜବ ଭିତରେ ତାଙ୍କ ରୋକା (ପ୍ରାକ୍-ନିର୍ବନ୍ଧ) ଉତ୍ସବକୁ ନେଇ କେତେକ ରିପୋର୍ଟ ପ୍ରକାଶ ପାଇଥିଲା । ଅମିତାଭ ବଚ୍ଚନଙ୍କ 'ଉଁଚାଇ'ରେ ଶେଷଥର ପାଇଁ ପରିଣୀତିଙ୍କୁ ଦେଖିବାକୁ ମିଳିଥିଲା । ଏହାପରେ ଆଗାମୀ ଚଳଚ୍ଚିତ୍ର 'ଚମକିଲା' ଓ 'କ୍ୟାପ୍‌ସୁଲ ଗିଲ୍'ରେ ତାଙ୍କୁ ଦେଖିବାକୁ ମିଳିବ ।

# ସ୍ୱାସ୍ଥ୍ୟ ସମ୍ବନ୍ଧରେ ମିଥ୍ୟା ଖବର ରିପୋର୍ଟ କରିଥିବା 'ୟୁଟ୍ୟୁବ୍' ଚାନେଲ୍ ନାଁ'ରେ ଦିଲ୍ଲୀ ହାଇକୋର୍ଟରେ ମାମଲା କଲେ ଆରାଧ୍ୟା ବଚ୍ଚନ



ତାଙ୍କ (ଆରାଧ୍ୟା) ସ୍ୱାସ୍ଥ୍ୟ ଓ ଜୀବନ ସମ୍ପର୍କରେ 'ମିଥ୍ୟା ଖବର' ରିପୋର୍ଟ କରିଥିବା ଗୋଟାଏ 'ୟୁଟ୍ୟୁବ୍ ଟାବ୍‌ଲଏଡ୍' (ଚାନେଲ୍) ନାଁ'ରେ ଅମିତାଭ ବଚ୍ଚନଙ୍କ ନାତୁଣୀ ଆରାଧ୍ୟା ବଚ୍ଚନ ଦିଲ୍ଲୀ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି ।

ତାଙ୍କ ସମ୍ବନ୍ଧରେ ଥିବା ସମସ୍ତ ଭିଡିଓ 'ଡି-ଲିଷ୍ଟ୍' ଓ 'ଡିଆକ୍ଟିଭେଟ୍' କରିବା ଲାଗି ଦାଏର କରିଥିବା ପିଟିସନ୍‌ରେ ୧୧ ବର୍ଷୀୟ ଆରାଧ୍ୟା ୧୦ଟି ଚାନେଲ୍‌କୁ କହିଛନ୍ତି । ନାବାଳିକା ହୋଇଥିବାରୁ ଆରାଧ୍ୟା ଏଭଳି ରିପୋର୍ଟ କରିଥିବା 'ୟୁଟ୍ୟୁବ୍' ଚାନେଲ୍‌ର ବିରୋଧ କରିଛନ୍ତି ।

ପିଟିସନ୍ ଫାଇଲ୍ କରିଥିବା ଆଇନ ପ୍ରତିଷ୍ଠାନ 'ଆନନ୍ଦ ଆଣ୍ଡ ନାଇକ୍' କହିଛି, ଆବେଦନକାରିଣୀ ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କର କ୍ଷତିକୁ ଭ୍ରୁକ୍ଷେପ ନ କରି ସେମାନେ ବଚ୍ଚନ ପରିବାର ସୁଖ୍ୟାତିରୁ ବେଆଇନ ଭାବେ ଲାଭ ଉଠାଉଥିବା ଦର୍ଶାଇ ଆରାଧ୍ୟା ପିଟିସନ୍ ଦାଏର କରିଛନ୍ତି । ଏହି ମାମଲାରେ 'ଗୁଗଲ୍ ଏଲ୍‌ଏଲ୍‌ସି' ଏବଂ 'ମିନିଷ୍ଟ୍ରି ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି' (ଗ୍ରିଭେନ୍‌ସ୍ ସେଲ୍)ଙ୍କୁ ମଧ୍ୟ ଏହି ମାମଲାରେ ପକ୍ଷଭୁକ୍ତ କରାଯାଇଛି । ସୂଚନାଯୋଗ୍ୟ, ଅତୀତରେ ମଧ୍ୟ ଅନ୍ୟାନ୍ୟ ଅନେକ କାରଣରୁ ଆରାଧ୍ୟା ବଚ୍ଚନ ସବୁବେଳେ ସାମାଜିକ ଗଣମାଧ୍ୟମରେ ଟ୍ରୋଲ୍ ହୋଇଛନ୍ତି ।



# ସାମନ୍ଥାଙ୍କ କ୍ୟାରିୟର ଶେଷ

ସାମନ୍ଥାଙ୍କ କ୍ୟାରିୟର ଶେଷ ହୋଇସାରିଛି । ଭଲ ଫିଲ୍ମ ମିଳୁନି ବୋଲି ଯାହା ମିଳୁଛି ତାହା କରିବାକୁ ବାଧ୍ୟ ହେଉଛନ୍ତି ସାମନ୍ଥା । ସାଉଥ ସୁପରଷ୍ଟାର ସାମନ୍ଥା ରୁଥ ପ୍ରଭୁଙ୍କୁ ନେଇ ବରିଷ୍ଠ ପ୍ରଯୋଜକ-ନିର୍ଦ୍ଦେଶକ ଚିଟ୍ଟି ବାବୁ ଦେଇଥିବା ଏଭଳି ବୟାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । କିଛି ଦିନ ତ ?ଳେ ସାମନ୍ଥାଙ୍କ ଅଭିନୀତ ଫିଲ୍ମ 'ଶକୁନ୍ତଲମ୍' ରିଲିଜ୍ ହୋଇଥିବା ବେ ?ଳେ ବକ୍ସ ଅଫିସରେ ଭଲ ବ୍ୟବସାୟ କରିପାରିନଥିଲା । ଏହା ପୂର୍ବରୁ ସାମନ୍ଥାଙ୍କ 'ୟଶୋଦା' ରିଲିଜ୍ ହୋଇଥିବା ବେଳେ ତାହା ମଧ୍ୟ ଫ୍ଲପ ହୋଇଥିଲା । ଲଗାତାର ଫିଲ୍ମ ଫ୍ଲପ ହେଉଥିବାରୁ ଚିଟ୍ଟି ବାବୁ କହିଛନ୍ତି ସାମନ୍ଥାଙ୍କ କ୍ୟାରିୟର ଶେଷ ହୋଇସାରିଛି । 'ସିଆସତ୍ ଡଟ କମ୍'କୁ ସାକ୍ଷାତକାର ଦେଇ ସେ କହିଛନ୍ତି, "ସାମନ୍ଥା ତାଙ୍କ ଛାଡପତ୍ର ପରେ 'ପୁଷ୍ପା : ଦି ରାଇଜ'ରେ 'ଓ ଆଣ୍ଟାଭା' ଆଇଟମ୍ ଗୀତ କରିଥିଲେ । ସେ ଟଙ୍କା ପାଇଁ ଏହା କରିଥିଲେ । ଷ୍ଟାର ହିରୋଇନ୍ ମାନ୍ୟତା ହରାଇବା ପରେ ସେ ଯାହା କିଛି ଅଫର୍ ହେଉଛି ତାହା କରୁଛନ୍ତି । ହିରୋଇନ୍ ଭାବରେ ତାଙ୍କର କ୍ୟାରିଅର୍ ସମାପ୍ତ ହୋଇଛି ଏବଂ ସେ ଆଉ ଷ୍ଟାରଡମକୁ ଫେରି ପାରିବେ ନାହିଁ । ଜୀବନ ବଞ୍ଚିବା ପାଇଁ ଏବେ ତାଙ୍କୁ ଯାହା ବି ଅଫର ମିଳୁଛି ତାକୁ ଗ୍ରହଣ କରିବା ଉଚିତ୍ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, "ଫିଲ୍ମ 'ୟଶୋଦା'ର ପ୍ରମ ?ାସନ ସମୟରେ ଫିଲ୍ମକୁ ହିଟ୍ କରିବା ପାଇଁ ସେ କାନ୍ଦିଥିଲେ । ପରେ ଫିଲ୍ମ 'ଶକୁନ୍ତଲମ୍' ପ୍ରଚାର ସମୟରେ ସେ ସହାନୁଭୂତି ପାଇବାକୁ ଚେଷ୍ଟା କରୁଥିବା ଦେଖାଯାଇଥିଲା । ଫିଲ୍ମ ପ୍ରଚାର ସମୟରେ ସେ କହିଥିଲେ ଯେ ମରିବା ପୂର୍ବରୁ ସେ ଏହି ଭୂମିକାରେ ଅଭିନୟ କରିବାକୁ ଚାହୁଥିଲେ । ଏହା ସହ ସେ କଥା କହିପାରୁନଥିବା ମଧ୍ୟ ସମସ୍ତଙ୍କୁ ଜଣାଇଥିଲେ । ହେଲେ ଏଭଳି ମିଛ ଅଭିନୟ କରି କେହି ଫିଲ୍ମକୁ ହିଟ୍ କରିପାରିବେ ନାହିଁ । ଫିଲ୍ମର କାହାଣୀ ଓ ସେଥିରେ ଥିବା ଚରିତ୍ର ଭଲ ଥିଲେ ଲୋକେ ଫିଲ୍ମ ଦେଖିବେ । ମୁଁ ଆଶ୍ଚର୍ଯ୍ୟ ଯେ, ତାଙ୍କୁ କେମିତି 'ଶକୁନ୍ତଲମ୍'ରେ ମୁଖ୍ୟ ଭୂମିକା ମିଳିଲା ।"

# ବିରିବାଟୀରେ ଏସ୍‌ଏଚ୍‌ଜି ମହିଳାଙ୍କ ରାଜ୍ୟର ପ୍ରଥମ ଶିଳ୍ପଭିତ୍ତିକ ପାର୍କ



କଟକ, ୨୦/୦୪ (ନି.ପ୍ର): କଟକ ଜିଲ୍ଲାର ବିରିବାଟୀଠାରେ ପ୍ରାୟ ୬ ଏକର ପରିମିତ ଜମିରେ ରାଜ୍ୟର ପ୍ରଥମ ଅଣୁଶ୍ରେଣୀଭୁକ୍ତ ଶିଳ୍ପଭିତ୍ତିକ ପାର୍କ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ପାଇଁ ପ୍ରତିଷ୍ଠା କରାଯିବ। ଏଥିପାଇଁ ଆବଶ୍ୟକ ଜମିର ଚିହ୍ନଟ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶର ଏକ ୫ଜଣିଆ ବିଶେଷଜ୍ଞଦଳ ସାମିଲ ହୋଇଛନ୍ତି। ଏହି ଟିମ ସଦସ୍ୟଙ୍କ ଉପସ୍ଥିତିରେ କଟକ ଜିଲ୍ଲାପାଳ ଡକ୍ଟର ଭବାନୀ ଶଙ୍କର ଚୟନୀ ଏ ସଂପର୍କରେ ସୂଚନା ଦେଇଛନ୍ତି । ପ୍ରକାଶଥାଉକି ଉକ୍ତ ଅଣୁଶ୍ରେଣୀଭୁକ୍ତ ଶିଳ୍ପ ଭିତ୍ତିକ ପାର୍କ ନିମନ୍ତେ ଆବଶ୍ୟକ ହେଉଥିବା ଜମିକୁ ଚିହ୍ନଟ କରାଯାଇଛି। ଏହି ପାର୍କର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁଯାୟୀ ଏହାର କଳେବର ନିର୍ଦ୍ଧାରଣ କରାଯିବ। ସମଗ୍ର ରାଜ୍ୟରେ ଏହିଭଳି ୩୦ଟି ଶିଳ୍ପଭିତ୍ତିକ ପାର୍କ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ନିମନ୍ତେ ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ରହିଛି। ଶିଳ୍ପଭିତ୍ତିକ ପାର୍କ ଗୁଡିକ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବଜାର ଚାହିଦା ମେଣ୍ଟାଇବା ସହ ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଶିଳ୍ପଭିତ୍ତିକ ବଜାର ଜରିଆରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରାଯିବ। ଯାହାଫଳରେ ଅଧିକରୁ ଅଧିକ ମହିଳା ଶିଳ୍ପଭିତ୍ତିକ ପାର୍କ ମାଧ୍ୟମରେ ଶିଳ୍ପଜଗତରେ ନିଜର ସ୍ଥାନ ନିରୂପଣ କରିପାରିବେ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାରେ ଏହିଭଳି ପାର୍କ ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜମି ଚିହ୍ନଟ ହେବାପରେ ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅମ୍ବର କୁମାର କର, ରାଜ୍ୟ ସରକାରଙ୍କ ମିସନଶକ୍ତି ବିଭାଗର ଯୁଗ୍ମ ସଚିବ ବିନୋଦ ଜେନା, ରାଜ୍ୟର ଜୀବିକା ବିଶେଷଜ୍ଞ ସୌମିତ ମିଶ୍ର, ତେଲେଙ୍ଗାନା ରାଜ୍ୟର ଅଣୁ ଶିଳ୍ପ ଉଦ୍ୟୋଗୀ ଉନ୍ନୟନ ନିର୍ଦ୍ଦେଶକ ଏ.ଅଜୟ, ବିଶେଷଜ୍ଞ ଆର. ହୃଷିକେଶ ମହାଦେବ, ଏଏଲଇଏପି ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଅନ୍ନପୂର୍ଣ୍ଣା, ନିର୍ଦ୍ଦେଶକ ମାଧବୀ ଓ ଲ୍ୟାଣ୍ଡ କମିଟି ଅଧ୍ୟକ୍ଷ ସ୍ୱରୁପା ପ୍ରମୁଖ ପ୍ରକଳ୍ପର ସଫଳ ରୂପାୟନ ଦିଗରେ ପରାମର୍ଶ ପ୍ରଦାନ କରିଥିଲେ।

# ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଅଗ୍ନି ନିର୍ବାପନ କୌଶଳ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ




ରାଉରକେଲା, ୨୦/୦୪ (ନି.ପ୍ର): ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ଇସ୍ପାତ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ଅଗ୍ନି ନିର୍ବାପନ କୌଶଳ ଏବଂ ଉଦ୍ଧାର କାର୍ଯ୍ୟ ପ୍ରଦର୍ଶନ କରାଯାଇଥିଲା।

ଅପ୍ରେଲ ୧୬ ତାରିଖରେ ସେକ୍ଟର ୫ ଭିଆଇପି ମାର୍କେଟରେ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ଅଗ୍ନି ନିର୍ବାପକ ଏବଂ ଉଦ୍ଧାର କୌଶଳ ସହିତ ପ୍ରୟୋଗାତ୍ମକ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଏବଂ ପ୍ରୟୋଗ ବିଷୟରେ ଲୋକଙ୍କୁ ଅବଗତ କରାଯାଇଥିଲା। ପ୍ରାୟ ୧୦୦ ଜଣ ଦୋକାନୀ ଏବଂ ପରିଦର୍ଶକ ବହୁ ଆଗ୍ରହ ଓ ଉତ୍ସାହ ସହକାରେ ଏହା ଦେଖିଥିଲେ।

୧୮ ତାରିଖରେ ଆରଏସପିର ଇସ୍ପାତ ଜେନେରାଲ ହସ୍ପିଟାଲ ସହିତ ସଂଲଗ୍ନ ହୋଇଥିବା ନର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟରେ ମଧ୍ୟ ଅନୁରୂପ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ, ଡକ୍ଟର ପି କେ ମହାପାତ୍ର, ଅତିରିକ୍ତ ସିଏମଓ ଡକ୍ଟର ଆର ଆର ମହାନ୍ତି, ଏନଟିଆଇ ଅଧ୍ୟକ୍ଷା, ଶ୍ରୀମତୀ ବିଦ୍ୟୁତ ପ୍ରଭା ଗୋଥ, ଶିକ୍ଷକ ଟ୍ୟୁଟରମାନେ ତଥା ଏନଟିଆଇର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସେକ୍ଟର ୯ ସ୍ଥିତ ବିକାଶ ବିଦ୍ୟାଳୟରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ, ଲୋୟର କେଜି ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିର୍ବାପକ ଏବଂ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ କୌଶଳ ବିଷୟରେ ସଚେତନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ସେବା ବିଭାଗର ଜିଏମ୍ , ଶ୍ରୀ ଜେ ବି ପଟ୍ଟନାୟକ, ଅଗ୍ନିଶମ ବିଭାଗର ଅଗ୍ନି ନିର୍ବାପକ ଏବଂ ଉଦ୍ଧାରକାରୀ ପ୍ରଦର୍ଶନ ଦଳର ନେତୃତ୍ୱ ନେଇଥିଲେ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର, ଶ୍ରୀ ଶୁଭବ୍ରତ ସାହୁଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା।

## ସ୍ୱାଭିମାନ ଅଂଚଳରେ ଆରମ୍ଭ ହେଲାପୁଷ୍ପା -୨ର ସୁଟିଂ

ମାଲକାନଗିରି, ୨୦/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଆରମ୍ଭ ହୋଇଛି ସାଉଥ୍ ସୁପର ହିଟ୍ ଚଳଚ୍ଚିତ୍ର ପୁଷ୍ପା ପାର୍ଟ -୨ର ସୁଟିଂ। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ତରାବୁ ଜଳପ୍ରପାତ ନିକଟରେ ସିନେମାର ଏକ ଟିମ୍ ପହଞ୍ଚି ଏକ ଜଙ୍ଗଲୀ ସେଟ୍ ଅପ୍ ତିଆରି କରିଛନ୍ତି। ମାଲକାନଗିରି ଜିଲ୍ଲାପାଳ ଓ ଏସ୍.ପି.ଙ୍କ ଠାରୁ ଅନୁମତି ମିଳିବା ପରେ ପ୍ରଯୋଜକ ସଂସ୍ଥା ମୈତ୍ରୀ ମୁଭି ମେକର ପକ୍ଷରୁ ପୁଷ୍ପା-୨ ଚଳଚ୍ଚିତ୍ରର କିଛି ଅଂଶ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ସୁଟିଙ୍ଗ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।ଚଳଚ୍ଚିତ୍ର ନିର୍ମାଣ ସଂସ୍ଥାର ଏକ ଟିମ୍ ଗତ ଏକ ମାସ ଧରି ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନ ବୁଲିଥିବା ବେଳେ ଶେଷରେ ସ୍ୱାଭିମାନ ଅଞ୍ଚଳର ଝୁଲା ପୋଲ, ହନ୍ତାଳଗୁଡା ଘାଟି ଓ ଗୁରୁପ୍ରିୟା ସେତୁ ନିକଟରେ ସୁଟିଂ କରିବା ନିମନ୍ତେ ଯୋଜନା କରିଛନ୍ତି । ଏନେଇ ମୈତ୍ରୀ ମୁଭି ମେକର ସଂସ୍ଥା ପକ୍ଷରୁ ଫାଇଟ୍ ମାଷ୍ଟର ପିଟର ହାଇନସ୍, କଳା ନିର୍ଦ୍ଦେଶକ ରାମକ୍ରିଷ୍ଣା, ଫାଇଟ୍ ମାଷ୍ଟର ଡ୍ରାଗନ ପ୍ରକାଶ, ସହକାରୀ ପ୍ରଯୋଜକ ସୁଭ୍ରମଣ୍ୟମ୍, ସହ ନିର୍ଦ୍ଦେଶକ ପ୍ରସାଦ ମାରିସେଟି, କ୍ୟାମେରାମ୍ୟାନ୍ ଦେବରାଜ ପ୍ରମୁଖ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି ।

# ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଶୁଦ୍ଧ ପାନୀୟଜଳ ଟୋପାଏ ପାଇଁ ଲୋକେ ଡହଳ ବିକଳ

କେନ୍ଦୁଝର , ୨୦/୦୪ (ନି.ପ୍ର): ଓଡିଶା ଏକ ନମ୍ବର ରାଜ୍ୟ ବୋଲି ସରକାରଙ୍କ ପକ୍ଷରୁ ଡିଣ୍ଡିମା ପିଟା ଯାଉଛି । ଗତ ଦୀର୍ଘ ବର୍ଷ ପୂର୍ବରୁ ପ୍ରତ୍ୟେକଙ୍କ ଘରେ ବିଶୁଦ୍ଧ ପାନୀୟ ଜଳ ପହଂଚାଇବାର ଦାୟିତ୍ୱ ସରକାର ନେଇଥିବା ଘୋଷଣା ମଧ୍ୟ କରିଥିଲେ । କିନ୍ତୁ ଅଦ୍ୟବଧି ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛନ୍ତି । ଯେଉଁଥିପାଇଁ ଆଜି ବି ଜିଲ୍ଲାର ଅଧିକାଂଶ ଅଂଚଳର ଅଧିବାସୀ ଶୁଦ୍ଧ ପାନୀୟ ଜଳ ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି । କିନ୍ତୁ ସବୁଠାରୁ ଦୁଃଖର ବିଷୟ ହେଉଛି ଯେ ଏହି ଗରିବ ଅଧିବାସୀ ମାନଙ୍କ ଦୁଖଃ ଶୁଣିବାକୁ କେହି ଆଗ୍ରହ ବି ପ୍ରକାଶ କରୁ ନାହାଁନ୍ତି । ଏ କ୍ଷେତ୍ରରେ ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର , ବିଶେଷ ଭାବେ ଗ୍ରାମାଂଚଳର ଅଧିବାସୀ ମାନଙ୍କର ଅବସ୍ଥା ଅଧିକ ସଙ୍ଗୀନ । ସରକାର ମହିଳା ଶସକ୍ତକରଣର ବାହାସ୍ଫୋଟ ମାରୁଥିବା ବେଳେ ସେହି ମହିଳା ମାନଙ୍କୁ ପ୍ରଚଣ୍ଡ ରୋଦ୍ରତାପରେ ପାଣି ଟୋପାଏ ସଂଗ୍ରହ କରିବା ପାଇଁ ବିପଦପୂର୍ଣ୍ଣ ଅବସ୍ଥାରେ ମାଇଲ ମାଇଲ ରାସ୍ତା ପାଦରେ ଚାଲି ଚାଲି ଯିବାକୁ ପଡୁଛି । ଏମାନଙ୍କ ପାଇଁ ପ୍ରାୟତଃ ଚୁଆ ପାଣି ହିଁ ଏକମାତ୍ର ଭରସା ପାଲଟି ଥିବା ଦେଖାଯାଉଛି । ଏଭଳି ସ୍ଥିତିରେ ପାଟଣା ବ୍ଳକ ର ଜଡିଚାତର ଗ୍ରାମକୁ ଅନୁଧ୍ୟାନ କରାଯାଇପାରେ । ଏହି ଜଡିଚାତର ଗ୍ରାମରେ ତିନୋଟି ସାହୀ ରହିଥିବା ବେଳେ ଜନ ସଂଖ୍ୟା ଏକ ହଜାରରୁ ଅଧିକ ଏବଂ ଅଧିକାଂଶ ପରିବାର ଆଦିବାସୀ ସଂପ୍ରଦାୟର । ଏହି ଗ୍ରାମରେ ମାତ୍ର ୨ ଟି ନଳକୂପ ରହିଥିବା ବେଳେ ସେ ମଧ୍ୟରୁ ଗୋଟିଏରୁ ପ୍ରାୟତଃ ପାଣି ବାହାରୁ ନଥିବା ବେଳେ ଅନ୍ୟଟିରୁ ଯଦିଓ ପାଣି ବାହାରୁ ଅଛି ତାହା ବହୁ କଷ୍ଟରେ ଘଣ୍ଟାରେ ବାଲଟିଏ ମାତ୍ର । ମାସ ମାସ ଧରି ବର୍ଷାର ଦେଖା ନଥିବା କାରଣରୁ ପୋଖରୀ ଗାଡିଆ ସବୁ ଶୁଖିଲା ପଡିଛି । ଫଳରେ ଗ୍ରାମର ମହିଳା ମାନଙ୍କୁ ପାଣି ସଂଗ୍ରହ କରିବାକୁ ଗାଁଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ଜଙ୍ଗଲ ପାଖ ବିଲ ଭିତରେ ଥିବା ଏକ କାଦୁଅଭର୍ତି ପୋଖରା ନିକଟରେ ଚୁଆ ଖୋଳି ସେଥିରୁ ଜଳ ସଂଗ୍ରହ କରିବାକୁ ପଡିଥାଏ । ଯଦିଓ ସେହି ପାଣି ବ୍ୟବହାର ଉପେଯାଗୀ ନୁହେଁ , ତଥାପି ବାଧ୍ୟହୋଇ ସେମାନଙ୍କୁ ସେହି ପାଣିରେ ରୋଷାଇ ଠାରୁ ଆରମ୍ଭ କରି ଗାଧୁଆପାଧୁଆ , ପିଇବା , ଖାଇବା ସବୁ କାମରେ ବ୍ୟବହାର କରିବାକୁ ପଡିଥାଏ । ସେହି ବ୍ୟବହାର ଅନୁପେଯାଗୀ ଜଳ ବ୍ୟବହାର କରି ଯଦିଓ ସେମାନେ ଅନେକ ସମୟରେ ବିଭିନ୍ନ ଅଜଣା ରୋଗରେ ପଡିଥାନ୍ତି ତଥାପି କିଛି ଉପାୟ ନାହିଁ ବୋଲି କୁହନ୍ତି ଗ୍ରାମର ଲଳିତା ନାଏକ ପ୍ରମୁଖ । ସେ ଅଂଚଳରେ ପ୍ରାୟତଃ ବନ୍ୟଜନ୍ତୁ ଭୟ ରହୁଥିବାରୁ ପାଣି ସଂଗ୍ରହ ପାଇଁ ଦଳବଦ୍ଧ ହୋଇ ଯିବାକୁ ପଡିଥାଏ ବୋଲି କହିଛନ୍ତି ଲକ୍ଷ୍ମୀ ନାଏକ , ଭାନୁମତୀ ନାଏକ , ଅମ୍ରିତ ମହାନ୍ତ ପ୍ରମୁଖ ଗ୍ରାମବାସୀ ମାନେ । ଏହି ଅଂଚଳରେ ଜଳର ଏତାଦୃଶ୍ୟ ଉତ୍କଟ ଅଭାବ ସଙ୍ଗକୁ ଲୋକମାନଙ୍କର ବିଶେ ଷ ଭାବେ ମହିଳା ମାନେ ଭୋଗୁଥିବା କଷ୍ଟ ସଂପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ସରପଂଚଙ୍କ ଠାରୁ ଆରମ୍ଭ କରି ବିଡିଓ ପ୍ରମୁଖଙ୍କ ନିକଟରେ ବାରମ୍ବାର ଗୁହାରୀ କରିଆସୁଥିଲେ କେହି ହେଲେ ବି ସେମାନଙ୍କର ଦୁଖଃ ଶୁଣୁ ନଥିବା ସେମାନେ କହିଛନ୍ତି। ଏପଟେ ବିଡିଓ ,ସରପଂଚ ମଧ୍ୟ ସେମାନଙ୍କ ମତମତ ଦେଲେନାହିଁ।

# ପୌର ପରିଷଦ ଓ ଫୁଡ ସେଫ୍ଟି ଅଫିସରର ମିଳିତ ଚଢାଉ

ଜୟପୁର, ୨୦/୦୪ (ନି.ପ୍ର): ଜୟପୁର ସହରରେ ଆଜି ପୌର ପାଳିକା, ଫୁଡ ସେଫଟି ଅଫିସର, ପୋଲିସର ମିଳିତ ଚଢାଉ କରାଯାଇଛି। ୭ଟି ଗୁଟୁଖା ଦୋକାନ ଉପରେ ଚଢାଉ କରାଯାଇ ୪ ହଜାର ୫ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଖାଦ୍ୟାର ନିରାପତା ର ଯାଂଚ କରାଯାଇ ଆନ୍ଧ୍ରା ହୋଟେଲ ମସଲା ହାଟରେ ଚଢାଉ କରାଯାଇ ୨ ହଜାର ଟଙ୍କା ଜୋରି ମାନା ଆଦାୟ କରାଯାଇଛି। ସେହିପରି ଏକ ହୋଲସେଲ ଦୋକାନ ଉପରେ ଚଢାଉ କରାଯାଇ ୩ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ହୋଟେଲ ସ୍କୟର ଉପରେ ଚଢାଉ କରାଯାଇ ୨୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏପିର ମୋଟ ୩୪ ହଜାର ୫ ଶହ ଟଙ୍କା ଆଦାୟ କରାଯାଇଛି । ଗୁଟୁଖା, ୧୦ ଲିଟର ବିଦେଶି ମଦ, ଏକ୍ସପାୟର ଜିନଷ ଜବତ କରିଛି । ଏହି ଚଢାଉରେ ଫୁଡ ସେଫ୍ଟି ଅଫିସର ପ୍ରଭାସ କୁମାର, ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ପୌର କର୍ମଚାରି ସହ ୪ ଜଣିଆ ପୋଲିସ ଟିମ ଚଢାଉ କରିଥିଲେ । ଆଗାମି ଦିନରେ ଚଢାଉ ବ୍ୟାପକ ହେବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ପୁନଃ ପଞ୍ଜିକରଣ ନିମନ୍ତେ ହରିଚନ୍ଦନପୁର ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ

ହରିଚନ୍ଦନପୁର, ୨୦/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଗୁଣ୍ଡିଚାଘାଗି ଜଳପ୍ରପାତ ନିକଟରେ ବରିଷ୍ଠ ସାମ୍ବାଦିକ ଘନଶ୍ୟାମ ଜେନାଙ୍କ ସଭାପତିତ୍ୱରେ ହରିଚନ୍ଦନପୁର ପ୍ରେସ କ୍ଲବର ନୂତନ କର୍ମକର୍ତା ଚୟନ ହୋଇଯାଇଛି । ବୈଠକରେ ନୂତନ ସାମ୍ବାଦିକ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ପ୍ରେସ କ୍ଲବର ନୂତନ କର୍ମକର୍ତା ଚୟନ ଏବଂ ବାର୍ଷିକ ଉତ୍ସବର ପୂର୍ବ ପ୍ରସ୍ତୁତି ଓ ବାର୍ଷିକ ଉତ୍ସବ ନିମନ୍ତେ ଦାୟିତ୍ୱ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ସର୍ବ ସମ୍ମତି କ୍ରମେ ହରିଚନ୍ଦନପୁର ପ୍ରେସ କ୍ଲବର ନୂତନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ନିବାସ ପାଇକରାୟ ମନୋନୀତ ହୋଇଥିବା ବେଳେ ପୁଣିଥରେ ଉପ ସଭାପତି ଭାବେ ପ୍ରେମାନନ୍ଦ ଦାସଙ୍କୁ ମନୋନୀତ କରାଯାଇଛି । ସେହିପରି ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ନାୟକ ଓ ଯୁଗ୍ମ ସମ୍ପାଦକ ଭାବେ ରାମଚନ୍ଦ୍ର ନାଏକ ମନୋନୀତ ହୋଇଛନ୍ତି । ଠିକ୍ ସେହିପରି କୋଷାଧ୍ୟକ୍ଷ ଭାବେ ଦିତୀୟ ଥର ପାଇଁ ପରେଶ କୁମାର ସେଠୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଅନ୍ୟପଟେ ଆସନ୍ତା ଜୁନ ମାସ ୪ ତାରିଖରେ ପ୍ରେସ କ୍ଲବର ହେବାକୁଥିବା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ କରୁଥିବା ବେଳେ କିପରି ସୁଚାରୁ ରୂପେ ପରିଚାଳନା କରାଯିବ ସେ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଚଳିତ ବର୍ଷ ବାର୍ଷିକ ଉତ୍ସବରେ ପ୍ରେସ କ୍ଲବର ପୂର୍ବତନ ସଭାପତି ପ୍ରଶାନ୍ତ ନାୟକଙ୍କ ନେତୃତ୍ୱରେ ପରିଚାଳନା ହେବ ବୋଲି ସର୍ବ ସମ୍ମତି କ୍ରମେ ନିଷ୍ପତି ହୋଇଛି । ଏଥି ସହିତ ବାର୍ଷିକ ଉତ୍ସବ ପରେ ଚୟନ ହୋଇଥିବା ନୂତନ ପ୍ରେସ କ୍ଲବ କର୍ମକର୍ତା ଦାୟିତ୍ୱ ଗ୍ରହଣ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ । ପ୍ରେସ କ୍ଲବରେ ଯୋଡ଼ି ହୋଇଥିବା ନୂତନ ସାମ୍ବାଦିକ ସଦସ୍ୟଙ୍କୁ କ୍ଲବ ପକ୍ଷରୁ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ବୈଠକରେ ଲକ୍ଷ୍ମଣ କୁମାର ମହାନ୍ତ, ଅନିଲ ସାହୁ, କୃଷ୍ଣ ଚନ୍ଦ୍ର ବେହେରା, ହିମାଂଶୁ ଶେଖର ଦାସ, ଘନଶ୍ୟାମ ଜେନା, ଜଗବନ୍ଧୁ ବାରିକ, ସନ୍ତୋଷ ମହାନ୍ତ, ଜଗବନ୍ଧୁ ମହାନ୍ତ, ଉତମ ଗିରି, ରତିକାନ୍ତ ମହାନ୍ତ, ନିତ୍ୟାନନ୍ଦ ସାହୁ, ନିଗମ ପ୍ରସାଦ ସାହୁ, ଚନ୍ଦନ ନାୟକ, ଜୀବନ ଜ୍ୟୋତି ବେଜ, ଭବାନୀ ପ୍ରସାଦ ମହାନ୍ତ, ତନ୍ମୟ କୁମାର ସାହୁ, ଉଦୟ ପାତ୍ର, ବିଦ୍ୟାଧର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଶାନ୍ତି ପୂର୍ଣ୍ଣ ସହକାରେ ବନ୍ଦ ପାଳନ

ମାଲକାନଗିରି, ୨୦/୦୪ (ନି.ପ୍ର): ଓଡିଶା ରାଜ୍ୟ ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଆହ୍ୱାନ ଦିଆଯାଇଥିବା ୧୨ ଘଂଟିଆ ବନ୍ଦ ପାଳନ ମାଲକାନଗିରି ଜିଲ୍ଲାର ମାଥିଲି, ପଡିଆ, ଚିତ୍ରକୋଣ୍ଡା, ଖଇରପୁଟ, ବାଲିମେଳା, ମାଲକାନଗିରି, କାଲିମେଳା, ଏମଭି ୭ ୯ ଓ ମୋଟୁ ଥାନା ଅଂଚଳ ରେ ଶାନ୍ତିପୂର୍ଣ ସହକାରେ ପାଳିତ ହୋଇଯାଇଛି । ପ୍ରକାଶ ଥାଉକି ଗତ ୧୨ ଓ ୧୪ ତାରିଖରେ ସମ୍ବଲପୁର ଜିଲ୍ଲାରେ ପାଳିତ ହେଉଥିବା ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ କିଛି ମୁସଲିମ ସମ୍ପ୍ରଦାୟ ର ଯୁବକ ମାନଙ୍କ ଦ୍ୱାରା ଟେକା ପଥର ମାଡ କରାଯାଇ ଶୋଭାଯାତ୍ରା ଟିକୁ ଅସ୍ତବ୍ୟସ୍ତ କରି ଦିଆଯାଇଥିଲା , ଯାହା ଫଳରେ ଏହି ଆକ୍ରମଣରେ ଶହେ ରୁ ଅଧିକ ହନୁମାନ ଭକ୍ତ ଆହତ ହୋଇଥିଲେ ଏବଂ ଆହତ ମାନଙ୍କୁ ଉପଯୁକ୍ତ ଚିକିତ୍ସା ନିମନ୍ତେ ଚିକିତ୍ସାଳୟ ରେ ଭର୍ତି କରାଯାଇଛି। ଆଜିକୁ ପାଂଚ ଦିନ ବିତିଯାଇଥିଲେ ମଧ ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ପୋଲିସ ତରଫରୁ ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହୋଇଥିବାରୁ ଶେଷରେ ବାଧହୋଇ ରାଜ୍ୟର ୧୪ ଗୋଟି ଜିଲ୍ଲାରେ ଏହି ବନ୍ଦ ପାଳନ ର ଆହ୍ୱାନ ଦିଆଯାଇଛି । ଆଜିର ଏହି ବନ୍ଦ ପାଳନ ଅବସରରେ କୁଡୁମୁଲୁଗୁମ୍ମା ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦ ତରଫରୁ ଗୋପୀନାଥ ଦାସ ନେତୃତ୍ୱ ନେଇଥିବା ବେଳେ ଅନ୍ୟ ମାନଙ୍କ ମଧରେ ଅଜୟ କୁମାର ପଟ୍ଟନାୟକ,ଯୁଗଳ କିଶୋର ସ୍ୱାଇଁ, ଅଶୋକ କୁମାର ଆଢ୍ୟ,ଜ୍ୟୋତି ରଞ୍ଜନ ବେହେରା, ରମାକାନ୍ତ ଧାକଡ, ସନ୍ତୋଷ କୁମାର ସ୍ୱାଇଁ, ଫିଂଟୁ, ଦିବାକର ସାହୁ,ନୀଳାଂଚଳ ମହାନ୍ତି,ଦିପକ ରାଜୁ ଓ ସନ୍ତୋଷ ମହାରଣା ପ୍ରମୁଖ ଯୋଗଦେଇ ଆଜିର ବନ୍ଦ ପାଳନ କୁ ସଫଳତାର ସହ ଆୟୋଜନ କରିଥିଲେ !

# ଟିଟିଲାଗଡ଼ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିଲେ ଉନ୍ନୟନ କମିଶନର ଅନୁ ଗର୍ଗ

ବଲାଙ୍ଗୀର, ୨୦/୦୪ (ନି.ପ୍ର): ଦୁଇ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଉନ୍ନୟନ ସଚିବ ଅନୁ ଗର୍ଗଙ୍କ ସହ ବୈଷୟିକ ଟିମ୍ ଏବଂ ଟିଟିଲାଗଡ଼ର ବିଧାୟିକା ତଥା ବାଣିଜ୍ୟ ପରିବହନ ଓ ଜଳ ସମ୍ପଦ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ବୁଧବାର ସକାଳ ୧୦ଟା ସମୟରେ ଆସି ଟିଟିଲାଗଡର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ । ପ୍ରଥମେ ପିପଲପଦର ଠାରେ ଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ଭିତର ଏବଂ ନିର୍ମିତ ହେଉଥିବା ନିର୍ମାଣ କାମ ବୁଲି ଦେଖିବା ପରେ ନିକଟରେ ଥିବା ଆଦର୍ଶ ଟିଏଚଆର ୟୁନିଟକୁ ଯାଇ ଛତୁଆ କିପରି ପ୍ରସ୍ତୁତ ହେଉଥିଲା ତାହା ମଧ ଭିତରେ କାମ କରୁଥିବା ମହିଳା କର୍ମଚାରୀଙ୍କୁ ପଚାରି ବୁଝିଥିଲେ । ତା'ପରେ ସେଠାରୁ ବନ୍ଦ ପଡିଥିବା ଦେଶିଲ ଚାହାରଭଟା ଶୀତଳ ଭଣ୍ଡାର ବୁଲି ଦେଖିବା ସହ ଅତି ଶୀଘ୍ର କାର୍ଯ୍ୟକ୍ଷମ କିପରି କରାଯିବ ସେ ନେଇ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଟିଟିଲାଗଡ଼ ଉପଜିଲ୍ଲାପାଳ ଦୟାମୟ ପାଢୀ, ଭାରପ୍ରାପ୍ତ ସିଡିଏମଓ ଡ. କୁବେର ଚନ୍ଦ୍ର ମହନ୍ତ, ଟିଟିଲାଗଡ ଏସଡିଏମଓ ପି କେ ନାଏକ, ବିଭିନ୍ନ ବିଭାଗର ଅଧିକାରୀ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ କୁମାର ମିଶ୍ର, ଏସଡିପିଓ ଶ୍ରୀମତୀ ଅଙ୍କିତା କୁମ୍ଭାର ଏବଂ ବହୁ ଦଳୀୟ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦେଖିବା ପାଇଁ ଉନ୍ନୟନ ସଚିବ ଶ୍ରୀମତୀ ଅନୁ ଗର୍ଗ ଆସିଛନ୍ତି ଏବଂ ଯଥା ଶୀଘ୍ର ସମସ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯିବ ବୋଲି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ କହିଥିଲେ।

## ଗଞ୍ଜେଇ ଚାଲାଣ ବେଳେ ଚଢାଉ : ୨ ଗିରଫ

ଜୟପୁର, ୨୦/୦୪ (ନି.ପ୍ର):ଗଞ୍ଜେଇ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ଦୁଇ ଅଭିଯୁକ୍ତ କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ପୁବ ଦିଲ୍ଲି ରାହୁଲ ସିଂ (୨୩) ଉତର ପ୍ରଦେଶର ଗୌରବ ଚୌହାନ(୧୯) । ଅବକାରି ବିଭାଗ ସୁଚନା ଅନୁଯାଇ ୨ଟି ଲଗେଜ ବେଗରେ ଗଞ୍ଜେଇ ଧରି ବସକୁ ଅପେକ୍ଷା କରୁଥିଲେ । ଏନେଇ ଜୟପୁର ଅବକାରି ବିଭାଗ ସୁଚନା ପାଇ ପେପର ମିଲ ଛକ ନିକଟରେ ଚଢାଉ କରି ୪୧ କେଜି ୨ ଶହ ଗ୍ରାମ ଗଞ୍ଜେଇ ଜବତ କରି ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ବର୍ଷକରେ ୮ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ



ରାଉରକେଲା, ୨୦/୦୪ (ନି.ପ୍ର): ଇସ୍ପାତସହର ଓ ଆଖପାଖ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର କମିବାର ନାଁ ନେଉନି। ଦେଶୀ ମଦଠାରୁ ଆରମ୍ଭକରି ନକଲି ବିଦେଶୀ ମଦ, ଗଞ୍ଜେଇ, ମହୁଲପୋଚ, ବ୍ରାଉନସୁଗାର, ମହୁଲି, ହାଣ୍ଡିଆ ଆଦି ବେପାର ଜୋର ଧରିଛି। ଅବଶ୍ୟ ନିୟମିତ ବ୍ୟବଧାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଛି। ଗତ ୨୦୨୨-୨୩ ବର୍ଷରେ ରାଉରକେଲା ଅବକାରୀ ନିରୀକ୍ଷକଙ୍କ ଅଧିନସ୍ଥ ବିଭିନ୍ନ ଅଞ୍ଚଳରୁ ମୋଟ୍ ୮ କୋଟି ୨୭ ଲକ୍ଷ, ୪୭ ହଜାର ୬୪୧ ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନେ କେବଳ ବାଇକ୍‌ରେ ଚୋରାଚାଲାଣ କରୁନାହାନ୍ତି; ବରଂ ସାଇକେଲ, ଅଟୋ, କାର, ପିକଅପ୍ ଭ୍ୟାନ୍, ମୋପେଟ୍, କାର ଆଦି ବ୍ୟବହାର କରାଯାଉଛି।

୨୦୨୧-୨୨ ବର୍ଷ ତୁଳନାରେ ଗତବର୍ଷ(୨୦୨୨-୨୩) ୬୩ ପ୍ରତିଶତରୁ ଅଧିକ ଅବକାରୀ ମାମଲୁ ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଅବକାରୀ ବିଭାଗ ପକ୍ଷରୁ ୨୪୯୫ଟି ମାମଲା ରୁଜୁ ହୋଇଥିବା ବେଳେ ପୂର୍ବବର୍ଷ (୨୦୨୧-୨୨) ୧୫୭୦ ମାମଲା ରୁଜୁ ହୋଇଥିବାବେଳେ ୧୩୫୯ ଜଣ ବେପାରି ଗିରଫ ହୋଇଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ସାମିଲ ଅଛନ୍ତି। ଗତବର୍ଷ ଅବକାରୀ ବିଭାଗ ୩୧୨୩ ଲିଟର ନକଲି ବିଦେଶୀ ମଦ ଜବତ କରିଥିଲା; ଯାହାକି ରାଜ୍ୟରେ ସର୍ବାଧିକ। ଏହାସହ ୮୪ ହଜାର ୯୬୯ ଲିଟର ଦେଶୀ ମଦ ଜବତ କରାଯାଇଛି। ବୀରମିତ୍ରପୁର, କୁଆରମୁଣ୍ଡା ଅଞ୍ଚଳରେ ଦେଶୀ ମଦ ତିଆରି ଓ ଚୋରାଚାଲାଣ ସର୍ବାଧିକ ରହିଛି। ଏତଦ୍‌ବ୍ୟତୀତ ୧୦୪୮.୪୮ ଟନ୍ ମହୁଲ ପୋଚ ଜବତ ହୋଇଥିଲା। ଦେଶୀ ମଦ ତିଆରିରେ ମହୁଲ ପୋଚ ବ୍ୟବହୃତ ହେଉଥିବାବେଳେ ଏହାକୁ ସ୍ଥାନୀୟ ଅଞ୍ଚଳର ମହୁଲ ବୋପରି ଅନୈତିକଭାବେ ବିକ୍ରି କରିଥାନ୍ତି। ଅବକାରୀ ଚଢ଼ଉ ଭୟରେ ଏହି ମହୁଲ ପୋଚକୁ ଜଙ୍ଗଲ ଭିତରେ, କୂଅ ଭିତରେ ତଥା ମାଟି ପୋତି ମଧ ରଖି ମନଇଚ୍ଛା ଦେଶୀ ମଦ ତିଆରି କରିଥାନ୍ତି।

ଏହାସହ ୯୩୭ ଲିଟର ସରକାରୀ ମଦଭାଟିର ପାଉଚ୍ ମଦ ସମେତ ୨୪୧୬ ଲିଟର ତାଡ଼ି, ୧୨୬ ଲିଟର ବିଦେଶୀ ମଦ, ୩୩୧ ଲିଟର ବିଅର, ୩୮୮୦ ଲିଟର ହାଣ୍ଡିଆ, ୨୩୨ କ୍ୱିଣ୍ଟାଲ ମହୁଲ ଫୁଲ, ୩୬୯ କେଜି ଗଞ୍ଜେଇ, ୧୬.୭୫୦ ଗ୍ରାମ୍ ବ୍ରାଉନସୁଗାର, ୩୧୨୩ ଲିଟର ନକଲି ବିଦେଶୀ ମଦ, ୨୦ ଲିଟର ସ୍ପିରିଟ୍ ଜବତ ହୋଇଛି। ଚୋରାଚାଲାଣରେ ବ୍ୟବହୃତ ବିଭିନ୍ନ ଯାନବାହନକୁ ମଧ ଜବତ କରାଯାଇଥିଲା। ସେ ଗୁଡ଼ିକ ହେଲା,- ୭ଟି କାର, ୯୯ଟି ସ୍କୁଟି, ୮୩ଟି ବାଇକ୍, ୧୩ଟି ଅଟୋ, ୧୪ଟି ସାଇକେଲ, ୩ଟି ପିକ୍‌ଅପ୍ ଭ୍ୟାନ, ଗୋଟିଏ ଲୁନା ମୋପେଟ୍, ୧ଟି ସ୍କୁଟର ଆଦି ଜବତ ହୋଇଥିଲା। ଗତବର୍ଷ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଉରକେଲା ଅବକାରୀ ବିଭାଗକୁ ସ୍କଚ୍ ଆୱାର୍ଡ, ଇ-ଗଭର୍ଣ୍ଣାନ୍ସ ପୁରସ୍କାର ଓ ଡିଜିଟାଲ ଇଣ୍ଡିଆ ଗୋଲ୍ ?ଡ ଆୱାର୍ଡ ପ୍ରଦାନ କରାଯାଇଥିଲା। ଅବକାରୀ ନିରୀକ୍ଷକ ଶେଖ୍ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶରେ ତଥା ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାୟକଙ୍କ ନେତୃତ୍ୱରେ ବିଭିନ୍ନ ଅଞ୍ଚଳରେ ଧରପଗଡ଼ କରାଯାଇଥିଲା।

# ପୁନରୁଦ୍ଧାର ହେବ ବାରିପଦାର ଗୋପବନ୍ଧୁ ଭବନ



ବାରିପଦା, ୨୦/୦୪ (ନି.ପ୍ର): ମୟୂରଭଂଜ ଜିଲ୍ଲା ବାରିପଦା ପୌରପରିଷଦର ଉପାଧକ୍ଷ ଭାବରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ କାର୍ଯ୍ୟ କରୁଥିବା ବେଳେ ସେ ଯେଉଁ ବାସ ଭାବନରେ ରହୁଥିଲେ ତାହା ବାରିପଦାର ଏକ ଐତିହାସିକ ସ୍ଥଳ ଭାବରେ ରହିଆସିଛି. ମାତ୍ର ସରକାରୀ ଉଦାସୀନତା ଏବଂ କିଛି ଆନୁସଙ୍ଗିକ କାରଣରୁ ଏହି ଐତିହାସିକ ଗୋପବନ୍ଧୁ ଭବନ ଟି ଜରାଜୀର୍ଣ ଅବସ୍ଥା ରେ ରହିଥିବା ବେଳେ ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏହାର ପୁନଃରୁଦ୍ଧାର ପାଇଁ ଦାବୀ ହୋଇ ଆସୁଥିବା ସହ ବିଭିନ୍ନ ସମୟରେ ଗଣମାଧମ ରେ ଖବର ମାନ ପ୍ରକାଶିତ ହୋଇଥିଲା. ଫାଇଭ-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ମୟୂରଭଂଜ ସିଟିଜେନ ଫୋରମ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇଥିଲା । ତେବେ ବର୍ତମାନ ଏହାର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ବୁଧବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସ୍ଥଳ ପରିଦର୍ଶନରେ ଆସି ଆଲୋଚନା କରିବା ସହ ସମୀକ୍ଷା କରିଛନ୍ତି । ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଭବନର ନବୀକରଣ ସହ ଚତୁଃପାର୍ଶ୍ୱ ଜବରଦଖଲ ଉଚ୍ଛେଦ କରିବାକୁ ମ୍ୟୁନସିପାଲିଟି ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଓଡିଶାର ବରପୁତ୍ର ତଥା ମହାପୁରୁଷଙ୍କ ଜନ୍ମସ୍ଥାନ, ବାସସ୍ଥଳୀ ଓ କର୍ମସ୍ଥଳୀ ଗୁଡିକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ବାରିପଦାର ଗୋପବନ୍ଧୁ ଭବନ କାର୍ଯକାରୀ କରିବାକୁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ମୟୂରଭଞ୍ଜ ଜିଲ୍ଲାପାଳ ଏନେଇ ସଂସ୍କୃତି ବିଭାଗକୁ ୧କୋଟି ଟଙ୍କାର ପ୍ରସ୍ତାବ ଅଟକଳ ପଠାଇଥିବା ବେଳେ ତାହା ଗୃହୀତ ହୋଇଥିବାର ଜଣାଯାଇଛି ।

## ବିଶିଷ୍ଟ ବ୍ୟକ୍ତିଙ୍କ ଦେହାନ୍ତ



ବସ୍ତା, ୨୦/୦୪ (ନି.ପ୍ର): ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର ସୃଷ୍ଟିଧର ଆଇଚ (୮୩) ବୁଧବାରରାତ୍ରୀ ଗୋଟାଏ ୪୫ମିନିଟ ସମୟ ରେ ମୃତ୍ୟୁ ଘଟିଛି । ସେ ପରୋପକାରୀ ଧର୍ମପରାୟଣ ସମାଜସେବୀ ଭାବେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ । ଦିର୍ଘଦିନଧରି କର୍କଟ ରୋଗରେ ପିଡିତ ଥିଲେ । ତାଙ୍କ ମୃତ ଖବର ପ୍ରଚାରିତ ହେବାପରେ ଜିଲ୍ଲା କଂଗ୍ରେସ ସମ୍ପାଦକ ସୁଧାଶୁଂସେଖର ଯେନା, ପୂର୍ବତନ ମଥାନୀ ସରପଞ୍ଚ ଅନିଲକୁମାର ମହାପାତ୍ର ସୁସାଇଟି ସଭାପତି କିଶୋରପାଳ, ପଞ୍ଚାୟତ ସଭାପତି ଦେବେନ୍ଦ୍ର ବେହେରା, ବିଜେପିନେତା ସୂର୍ଯ୍ୟନାରାୟଣ ସାହୁ, ସମାଜସେବୀ ଅମର ପାଳ, ଦିନବନ୍ଧୁବିସ, ମଥାନୀକଂଗ୍ରେସ ପଞ୍ଚାୟତ ସଭାପତି ଅଜୟ ଦାସ, ସୁସାଇଟି ନିର୍ଦ୍ଦେଶକ ସୁଶାନ୍ତ ମଲ୍ଲୀକ, ଅଜିତଭୂୟାଁ, ସମେତ ବହୁ ମାନ୍ୟଗଣ୍ୟବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଦେଇଥିଲେ । ବଡପୁଅ ଅନିରୁଦ୍ଧ (ବୁଲୁ ) ଆଇଚ ମୁଖାଗ୍ନୀ ଦେଇଥିଲେ ।

## ଜୟନ୍ତୀରେ ଗୋପୀନାଥ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୟନ୍ତୀରେ ଗୋପୀନାଥ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଆଧୁନିକ ଓଡ଼ିଆ ଉପନ୍ୟାସର ଯୁଗସ୍ରଷ୍ଟା ତଥା ଓଡ଼ିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି । ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରୁଥିବା ତାଙ୍କ 'ମାଟି ମଟାଳ', 'ପରଜା', 'ଅମୃତର ସନ୍ତାନ', 'ଛାଇଆଲୁଅ' ପରି କାଳଜୟୀ କୃତିଗୁଡ଼ିକ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଆଜି ଠାରୁ ସ୍କୁଲ ପିଲାଙ୍କ....

ଅନୁସାରେ ପ୍ୟାରେଂଟ-ଟିଚର୍ସ ମିଟିଂ ସ୍କୁଲ୍‌ରେ ହେବ । ଅଭିଭାବକ ସ୍କୁଲ ଆସିଲା ବେଳେ ପିଲାଙ୍କୁ ସାଥିରେ ଆଣିବେନି ବୋଲି ସେ କହିଛନ୍ତି । ଏଠାରେ ଉଲ୍ଲେଖ କରାଯାଉ ପାରେ ଯେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦୁଇ ଦିନ(ଏପ୍ରିଲ ୧୯ ଓ ୨୦) ପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଥିଲା । ଏହାକୁ ମିଶାଇ ଚଳିତ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦ୍ୱିତୀୟଥର ଲାଗି ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରାଯାଇଥିଲା । ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତରୁ ଫେରିବା ପରେ ଏପ୍ରିଲ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଥିଲେ ।

## ଅସହ୍ୟ ତାତିରେ ସନ୍ତୁଳି ହେଉଛି ....

ଜଙ୍ଗଲରେ ଥିବା ସମସ୍ତ ଜଳାଶୟ ଶୁଖି ଯାଇଥିବାରୁ ଜଙ୍ଗଲୀ ଜନ୍ତୁଙ୍କ ପାଇଁ ପାଣି ବ୍ୟବସ୍ଥା କରିବା ବନବିଭାଗ ପାଇଁ ଚ୍ୟାଲେଞ୍ଜ ହୋଇଛି । ଖରା ବଢ଼ିବା ପରେ ବିଭିନ୍ନ ପାନୀୟ ଦ୍ରବ୍ୟର ଚାହିଦା ବଢ଼ିବାରେ ଲାଗିଛି । ମୃଦ୍ୟୁ ଥଣ୍ଡା ପାନୀୟ ହେଉ କି, ଆଖୁ ରସ, କି ଦହି, ଲସି ଦୋକାନରେ ଭିଡ ଲଗାଉଛନ୍ତି । କିନ୍ତୁ ଏସବୁ କେତେ ସ୍ୱାସ୍ଥ୍ୟକର ତାହା କାହାକୁ ଜଣାନାହିଁ । ତେବେ ବିଏମସି ପକ୍ଷରୁ ଏସବୁ ପାନୀୟ ବିକ୍ରି ହେଉଥିବା ଦୋକାନରେ ଚଢ଼ାଉ କରାଯିବ ବୋଲି କହିଛନ୍ତି ବିଏମସିର ସ୍ୱାସ୍ଥ୍ୟ ଅଧିକାରୀ । ତାତି ବଢ଼ିବା ସହ ଘର ଭିତର ବି ତାତି ଯାଉଛି । ବିଛଣା ଠାରୁ ଆରମ୍ଭ କରି ସବୁଠି ତାତି ଉଠୁଛି । ଯାହାଫଳରେ ବଢ଼ି ଚାଲିଛି ଏସିର ଚାହିଦା । ଲୋକେ ତାତିରୁ ଟିକେ ଆଶ୍ୱସ୍ତି ପାଇଁ ବାଧ ହୋଇ ଘରେ ଏସି ଲଗାଉଛନ୍ତି । ତଥ୍ୟ ଅନୁସାରେ ପୂର୍ବ ତୁଳନାରେ ଏସି ବିକ୍ରି ୩୦ ପ୍ରତିଶତ ବୃଦ୍ଧି ପାଇଛି । ତେବେ କାଳବୈଶାଖୀ ବର୍ଷା ପରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିପାରେ । କିନ୍ତୁ ଏପ୍ରିଲ ମାସରୁ ଯେଉଁଭଳି ତାତି ଅନୁଭୂତ ହୋଇଛି, ମେ ମାସରେ କଣ ହେବ ତାହା ଚିନ୍ତାର ବିଷୟ ।

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ....

ଆୟୋଜିତ ଭାରତୀୟ ବାୟୁ ସେନାର କମାଣ୍ଡର ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ କରୋନା ପଜିଟିଭ ଥିବାରୁ ସେ ନିଜକୁ ଏଥିରୁ ଦୂରେଇ ରଖିଛନ୍ତି । ଏହା ପୂର୍ବରୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ସୂଚନାଯୋଗ୍ୟ, ଦେଶରେ ଗତ ୨୪ ଘଣ୍ଟାରେ ୧୨,୫୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତ ୮ ମାସରେ ଏହା ସର୍ବାଧିକ । ଏହା ସହିତ ଦେଶରେ ଏବେ ଚିକିତ୍ସାଧୀନ ଥିବା କରୋନା ରୋଗୀଙ୍କ ସଂଖ୍ୟା ୬୫, ୨୫୬କୁ ବୃଦ୍ଧି ପାଇଛି ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତର ହାତ ବଢ଼ାଇଲେ ସମାଜସେବୀ

ନୀଳଗିରି, ୨୦/୦୪ (ନି.ପ୍ର): ବୁଧବାର କେ.ପି.ଲାଖରାଜ ପଂଚାୟତର କାଠଗୋଛି ଗ୍ରାମର ବ୍ରଜକିଶୋର ସିଂଙ୍କ ୩ ବଖରା ଓ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହେବା ଘଟଣା ଖବର ପ୍ରସାରଣ ପରେ ଗୁରୁବାର ଦିନ ନୀଳଗିରି ବିଜୁ ଜନତା ଦଳର ନେତା ସନ୍ତୋଷ ଖଟୁଆ, ୧୩ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ସମାଜସେବୀ ଶିଶିର ରାଉତ, ବାବୁ ମହାପାତ୍ର, ବଚ୍ଛୁ, ଅସିଦ ଦାସ, ସରପଂଚ ଗିରିଶ ସିଂ, ସମିତି ସଭ୍ୟା ତପସ୍ୱିନି ସିଂ, ପ୍ରମୁଖ ପହଂଚି ସାହାଯ୍ୟର ହାତ ବଢ଼ାଇଥିଲେ । ସେହିପରି ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପହଂଚି ବିଭିନ୍ନ ପ୍ରକାର ସାମଗ୍ରୀ ସାହାଯ୍ୟ କରିବା ସହ ସରକାରୀ ସ୍ତରରେ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶୃତି ଦେଇଛନ୍ତି ।

## ଟ୍ରେନ ଧକ୍କାରେ ମୃତ୍ୟୁ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବଡଝରା ଗାଁ ନିକଟରେ ଟ୍ରେନ ଧକ୍କା ରେ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣା ପଡିଛି । ମୃତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ସେହି ଗାଁ ର ସାରଙ୍ଗ ସାହୁ ।ଗତ କାଲି ବିଳମ୍ବିତ ରାତରେ ତାଙ୍କ କ୍ଷତ ବ୍ୟକ୍ଷତ ମୃତ ଦେହ ଟ୍ରେନ ଲାଇନ ନିକଟରେ ପଡ଼ିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଜାରି ରଖିଛି ।

# ମହାରାଷ୍ଟ୍ରରେ ମୁନି ସମାଜର ଜ୍ଞାନଯଜ୍ଞ

ଜଳଗାଉ, ୨୦/୦୪ (ନି.ପ୍ର): ଗୁରୁବାର ଦିବା ୪ ଘଟିକା ସମୟରେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ, ଓଡ଼ିଶା ପ୍ରାନ୍ତ, ହାତିଆଡିହା ଶାଖାର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ଅଧକ୍ଷତାରେ, ତାଙ୍କର ସୁପୁତ୍ର ବଧୂ ଆୟୁଷ୍ମତୀ ମୁନିମତୀ ଲିପିକା ବାଛିନୀଙ୍କର ୩୧ ତମ ଶୁଭ ଜନ୍ମଦିନ ପାଳନ ସହିତ ସୁପୁତ୍ର ଇ' ନିଶିଥ ନୟନ ବାରିକ ଙ୍କର ୩୯ ତମ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଉପସ୍ଥିତ ଥିଲେ ପରମପୂଜ୍ୟା ସ୍ନେହମୟୀ କଲ୍ୟାଣମୟୀ ମାତା ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକ ମହୋଦୟା । ଦୁହିତା ଆନନ୍ଦମୟୀ କୁମାରୀ ଗୀତାଙ୍ଗଶୀ ଗ୍ଉରୀ ନନ୍ଦିନୀ । ପରିବାରବର୍ଗ, ସାଙ୍ଗସାଥି, ସାଇପଡିଶା, ବନ୍ଧୁବାନ୍ଧବ ମାନେ । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ ଉଭୟଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ଶୁଭ ଆଶୀର୍ବଚନ ପ୍ରଦାନ କରାଯାଇଥିଲା ।ମୁନି ସମାଜର ଯମ ନିୟମ ଜଣେ ଯଦି ପାଳନ କରି ପ୍ରତିଦିନ ଯୋଗ ସାଧନ ଜାରି ରଖି ଚାଲିଥାଏ ତେବେ ସେ ନିଶ୍ଚୟ ଦିନେ ଆତ୍ମଦର୍ଶନ କରିବା ସହିତ ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରି ଚାଲିଥିବ, ଏହା ସମସ୍ତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ ସୁପୁତ୍ରବଧୂ ଲିପିକା ବାଛିନୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ଭବିଷ୍ୟନିଧି ସହ-ଆୟୁକ୍ତଙ୍କୁ ଘେରିଲେ ବିଦ୍ୟୁତ କର୍ମଚାରୀ



ବାଲେଶ୍ୱର, ୨୦/୦୪ (ନି.ପ୍ର): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ) ଅର୍ଥରାଶି ଜମାକୁ ନେଇ ଉପୁଜିଥିବା ସମସ୍ୟା ଦୂର କ୍ଷେତ୍ରରେ ବାଲେଶ୍ୱର ଇପିଏଫ ସହକାରୀ ଆୟୁକ୍ତଙ୍କ ଉଦାସୀନତା ବିରୋଧରେ ପ୍ରତିବାଦ ଜଣାଇଛନ୍ତି ବିଜୁ ଶ୍ରମିକ ସାମୁଖ୍ୟ ଅନୁବନ୍ଧିତ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଟିପିଏନଓଡିଏଲ ଶାଖା କର୍ମକର୍ତ୍ତା । ସଂଘର କର୍ମକର୍ତା ଓ ସଦସ୍ୟମାନେ ଆଇଟିଆଇ ଛକ ସ୍ଥିତ ଇପିଏଫ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁସାରେ ଉତ୍ତର ଓଡ଼ିଶାରେ ବିଦ୍ୟୁତ ବିତରଣ ସଂସ୍ଥାର କର୍ମଚାରୀମାନେ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ କାଳ କାର୍ଯ୍ୟ କରୁଥିବା ବେଳେ ମାସିକ ଇପିଏଫ ରାଶି ସେମାନଙ୍କ ଆକାଉଣ୍ଟରେ ଜମା ହୋଇପାରିନାହିଁ । ୨୦୨୧ ମସିହାରେ ଟିପିଏନଓଡିଏଲ ଦାୟିତ୍ୱ ନେବା ପରେ ଏହି ରାଶି ସଠିକ ଢଙ୍ଗରେ ଜମା ହେଉଛି । ମାତ୍ର ୨୦୧୩ ମସିହା ଠାରୁ ୨୦୨୧ ମସିହା ପର୍ଯ୍ୟନ୍ତ କର୍ମଚାରୀଙ୍କ ଇପିଏଫ ଅର୍ଥରାଶି ଆଂଚଳିକ ଭବିଷ୍ୟ ନିଧି ଆୟୁକ୍ତଙ୍କ ନିକଟରେ ଜମା ହୋଇନାହିଁ । ନେସ୍କୋ ଓ ନେସ୍କୋ ୟୁଟିଲିଟି ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ଅଣ-ପେନସନଭୋଗୀ ବର୍ଗରେ କାର୍ଯ୍ୟରତ ଥିବାରୁ ସେମାନଙ୍କ ଇପିଏଫ ଜମାରାଶି ଗଠିତ ଏକ ଟ୍ରଷ୍ଟ ଆକାଉଣ୍ଟରେ ରହିଛି । ଉଚ୍ଚମତ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ୧୦ବର୍ଷରୁ ଅଧିକ କାଳ କାର୍ଯ୍ୟରତ ଅଣ-ପେନସନଭୋଗୀ କର୍ମଚାରୀମାନେ ଉଚ୍ଚତର ଦରମାରେ ପେନସନ ପାଇବାକୁ ଯୋଗ୍ୟ ବିବେଚିତ ହୋଇ ପାରିବେ । ଭିବଷ୍ୟନିଧି ଯୋଜନା ୧୯୯୫ ଅନୁଯାୟୀ କର୍ମଚାରୀଙ୍କ ପାଇଁ ବିକଳ୍ପ ବାଛିବାକୁ ପଡିବ, ଯାହାର ମେ ୩ ତାରିଖ ପର୍ଯ୍ୟନ୍ତ ସମୟ ସୀମା ରହିଛି। ଟିପିଏନଓଡିଏଲ ନିକଟରେ ଗଚ୍ଛିତ ପୂର୍ବ ଇପିଏଫ ଟ୍ରଷ୍ଟ ଜମାରାଶିକୁ ଭବିଷ୍ୟନିଧି ଜମାଖାତାକୁ ସ୍ଥାନାନ୍ତର ପାଇଁ ବାଲେଶ୍ୱରର ଇପିଏଫ ଆସିଷ୍ଟାଣ୍ଟ କମିଶନରଙ୍କ ନିକଟରେ ଗତ ମାର୍ଚ୍ଚ ୧୫ତାରିଖରେ ମହାସଂଘ ପକ୍ଷରୁ ଆବେଦନ କରାଯାଇଥିଲା । ମାତ୍ର କମିଶନର ଏ ଦିଗରେ ଟିପିଏନଓଡିଏଲ କର୍ତ୍ତୃପକ୍ଷଙ୍କ ସହ କୌଣସି ଆଲୋଚନା ନ କରି ବାରମ୍ବାର ଭୁବନେଶ୍ୱର ଇପିଏଫ କମିଶନର କାର୍ଯ୍ୟାଳୟରେ ଜଣାଇବା ନିମନ୍ତେ କହିବା କେଉଁ ନ୍ୟାୟରେ ବୋଲି ସଂଘ କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ । ଆସନ୍ତା ମେ ୩ ତାରିଖ ପୂର୍ବରୁ ଟିପିଏନଓଡିଏଲ କର୍ତ୍ତୃପକ୍ଷ ଓ ମହାସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି କର୍ମଚାରୀଙ୍କ ଜମାଅର୍ଥ ଇପିଏଫକୁ ସ୍ଥାନାନ୍ତର ନ କଲେ ସଂଗଠନ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

# ବଡମ୍ବା ସମବାୟ ଚିନି କଳ ସଂପର୍କରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ବଡମ୍ବା ଚିନି କଳ ସଂପର୍କରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧକ୍ଷତାରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ଆୟୋଜିତ ଉକ୍ତ ବୈଠକରେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର , ସମବାୟ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଢା, ସମବାୟ ନିବନ୍ଧକ ଉଦ୍ଧବ ଚରଣ ମାଝୀ , କଟକ ଜିଲ୍ଲାପରିଷଦ ସି.ଇ.ଓ ଅମ୍ବର କୁମାର କର , ସମବାୟ ବିଭାଗ ଅର୍ଥ ପରାମର୍ଶଦାତା , ବଡମ୍ବା ତହସିଲ୍‌ଦାର ଏବଂ ୟୁନିୟନ ବ୍ୟାଙ୍କ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ବିବରଣୀରୁ ପ୍ରକାଶ ଯେ ଗତ୬.୪.୧୯୮୯ ମସିହାରେ ଦୈନିକ ୧୨୫୦ ଟନ ପେଷିବା କ୍ଷମତା ଥାଇ ପ୍ରତିଷ୍ଠା ହୋଇ ଥିବା ଏହି କଳ ୧୭.୦୧.୧୯୯୦ ମସିହାରେ ଉତ୍ପାଦନ ଆରମ୍ଭ ହୋଇଥିଲା । ତେବେ ବିଭିନ୍ନ କାରଣ ଓ ସମସ୍ୟା ଯୋଗୁଁ ଦୀର୍ଘ ଦିନ ଧରି ଏହା ଅଚଳ ହୋଇ ପଡିଛି । ସେହି ସବୁ କାରଣ ଓ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଦି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଥିଲା ।

# ଡାକ୍ତର କୁମାର ଗୋପାଳଙ୍କ ନିର୍ଦ୍ଦେଶିତ ନାଟକ ଶ୍ରେଷ୍ଠ ବିବେଚିତ



ବାଲେଶ୍ୱର, ୨୦/୦୪ (ନି.ପ୍ର): କୋରାପୁଟର ଦାମନଯୋଡ଼ି ଠାରେ ଚାଲିଥିବା ସପ୍ତଦଶ ରାଜ୍ୟସ୍ତରୀୟ ପଞ୍ଚମାଳି ନାଟକ ମହୋତ୍ସବରେ ବାଲେଶ୍ୱରର 'କଳାକାର' ନାଟ୍ୟାନୁଷ୍ଠାନ ପରିବେଷିତ ନାଟକ 'କଳାମଲ୍ଲୀ' ୨ୟ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ପୁରସ୍କୃତ ହୋଇଛି । ଚଳିତ ବର୍ଷ ଏହି ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ବିଭିନ୍ନ ଜିଲ୍ଲାରୁ ୧୪ ଗୋଟି ନାଟ୍ୟଦଳ ଭାଗ ନେଇଥିଲେ । ପୁରସ୍କାର ବଣ୍ଟନ ଉତ୍ସବରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ପଣ୍ଡିତ ରାଜେଶ ଉତ୍ତମ ରାଓ ମୁଖ୍ୟଅତିଥି, ନାଲକୋ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶୀଲ କୁମାର ପାଢ଼ୀ ଓ ମହାପ୍ରବନ୍ଧକ ପ୍ରମୋଦ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନାଟକ ପ୍ରତିଯୋଗିତାର ବିଚାରକ ଭାବେ ଓଡ଼ିଶା ନାଟ୍ୟ ସଂଘର ସଭାପତି ହରେନ ସାହୁ (ଭୁବନେଶ୍ୱର), ବ୍ରଜେନ୍ଦ୍ର ନାୟକ (ସମ୍ବଲପୁର) ଓ ଗିରିଜା କୁମାର ଚୈଧୁରୀ (ଲକ୍ଷ୍ମୀପୁର) ଦାୟିତ୍ୱ ତୁଲାଇଥିଲେ । ଡାକ୍ତର କୁମାର ଗୋପାଳ ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଛନ୍ତି । ନାଟ୍ୟକାର ଓ ସଂଗୀତକାର ଭାବେ ସୁନାମଧନ୍ୟ ନାଟ୍ୟକାର ସୁଶାନ୍ତ ଦାସ୍ ମଧ ଶ୍ରେଷ୍ଠ ନାଟ୍ୟକାର ଭାବେ ପୁରସ୍କୃତ ହୋଇଛନ୍ତି । ଏଥି ସହିତ ହାସ୍ୟ ଅଭିନେତା ଭାବେ ଅମରନାଥ ଗୋଚ୍ଛାୟତ ମଧ୍ୟ ପୁରସ୍କୃତ ହୋଇଛନ୍ତି ।

# ରାଇବଣିଆ ଦୁର୍ଗରେ ଉଚ୍ଚ ପଦାଧିକାରୀ

ଜଳେଶ୍ୱର, ୨୦/୪(ନି.ପ୍ର) : ଐତିହାସୀକ ରାଇବଣିଆ ଦୁର୍ଗର ବିକାଶ ଲାଗି ରାଜ୍ୟ ସରକାର କେତେକ ପ୍ରସ୍ତାବ ହାତକୁ ନେଇଛନ୍ତି । ୨୦ କୋଟି ଟଙ୍କାର ଏକ ଡିଟେଲ୍ସ ପ୍ରଜେକ୍ଟ ରିପୋଟ ସରକାରଙ୍କୁ ଦିଆଯାଇଥିବାରୁ ଅତିଶୀଘ୍ର କାର୍ଯ୍ୟଲାଗି ସରକାର ୫ କୋଟି ଟଙ୍କା ଜିଲାପାଳଙ୍କୁ ହସ୍ତାନ୍ତର କରିଥିବାର ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି । ସମଗ୍ର ପୂର୍ବ ଭାରତର ସର୍ବବୃହତ ଦୁର୍ଗ ଭାବେ ରାଇବଣିଆ କ୍ଷାତି ଅର୍ଜନ କରିଥିଲା । ବିଭିନ୍ନ ସମୟରେ ବିଭିନ୍ନ ଶାସକଙ୍କ ଦ୍ୱାରା ବିଭିନ୍ନ ଯୁଦ୍ଧ ହୋଇଛି । ମାଟିର ପ୍ରାଚୀର ଥିବା ଗଡଖାଇ ଭାରତର ଖୁବ୍ କମ୍ ଅଂଚଳରେ ଦେଖିବାକୁ ମିଳିଥାଏ । ଦୁର୍ଗର ଗୁପ୍ତ ଦ୍ୱାର, ପ୍ରବେଶ ପ. ବିଭିନ୍ନ ପୋଖରୀ, ଏଣେତେଣେ ବିଛାଡି ହୋଇ ପଡିଥିବା କୀର୍ତ୍ତିରାଜି, ସେ କାଳର ଐତିହ୍ୟ କାରକାର୍ଯ୍ୟର ନିଦର୍ଶନ ବୋଲି କୁହାଯାଇ ଆସୁଥିଲା । ଗତ କିଛିମାସ ପୂର୍ବରୁ ପର୍ଯ୍ୟଟନର, ସଂସ୍କୃତି ବିଭାଗର ଉଚ୍ଚ କର୍ମକର୍ତ୍ତ ରାଇବଣିଆ ସଂପର୍କରେ ଅନୁଧ୍ୟାନ କରିଥିଲେ । ସେତେବେଳେ ୧୮ କୋଟି ଟଙ୍କା ଆବଶ୍ୟକତା ଥିବାର ବିଭାଗୀୟ କର୍ମକର୍ତ୍ତା ପ୍ରକାଶ କରିଥିଲେ । କିନ୍ତୁ ଗତ ୨ ଦିନ ତଳେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଅଶ୍ୱିନି ପାତ୍ର, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଘଟଣାସ୍ଥାନରେ ପହଞ୍ଚି ଥିଲେ । ଅର୍ଦ୍ଧନିର୍ମିତ ଜଗନ୍ନାଥ ମନ୍ଦିର, ବହୁ କଳାକୃତି, ଇତସ୍ତତ ଅବସ୍ଥାରେ ପଡିଥିବା ଦେଖି ସେ ସବୁର ପୁନଃଉଦ୍ଧାର ଏବଂ ସଂଗ୍ରାହଳୟରେ ସ୍ଥାପନ, ପର୍ଯ୍ୟଟନ ବିଭାଗ ପକ୍ଷରୁ ପାନ୍ଥଶାଳା, ପିଇବାପାଣିର ବ୍ୟବସ୍ଥା, ବିଦ୍ୟୁତିକରଣ, ବାକିଥିବା ରାସ୍ତା ନିର୍ମାଣର, ପାର୍କ ଲାଗି ୨୦ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଥିବାର ସେମାନେ କହିଥିଲେ । କିନ୍ତୁ ପ୍ରଥମ ପର୍ଯ୍ୟୟରେ ଅତିଶୀଘ୍ର କାର୍ଯ୍ୟଲାଗି ୫ କୋଟି ଟଙ୍କା ଜିଲାପାଳଙ୍କୁ ଦିଆଯାଇଥିବା କହିଥିଲେ । ସେଠାରେ ଅନ୍ୟ ୨୫ଲକ୍ଷ ଟଙ୍କା ବ୍ୟୟରେ ଏକ ତୋରଣ ନିର୍ମାଣ କାର୍ଯ୍ୟ ଅତିଶୀଘ୍ର ହେବାକୁ ଯାଉଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପୁନମ ରାଉତ, ଜଳେଶ୍ୱର ବିଜେଡି ସଭାପତି ଜିଲ୍ଲିପ ସାମଲ ମନ୍ତ୍ରୀ ପ୍ରତିନିଧି ବ୍ରିଜେଶ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଦୁର୍ଦ୍ଦଶା ଘେରରେ ବାଲିଆପାଳ ପାନଚାଷୀ, ସରକାରୀ ସହାୟତା ମିଳିବ କେବେ



ଲଙ୍ଗଳେଶ୍ୱର, ୨୦/୦୪ (ନି.ପ୍ର): ପତର ପତର ପାନ ପତର, ପାନ ପତର କୁ ସରକାରଙ୍କ ଆଡ଼ ନଜର ।ବାଲେଶ୍ୱର ଜିଲ୍ଲାର ବାଲିଆପାଳ ର ପାନ ଚାଷୀ ମନେ ଘାତ ପ୍ରତିଘାତ ଓ ଦୁର୍ଦ୍ଦଶା ମଧରେ ଗତି କରୁଥିଲେ ହେ, ସରକାରଙ୍କ ଏଥିପ୍ରତି ଦୃଶି ନ ଦେବା ପରିତାପର ବିଷୟ ହୋଇଛି ।ବ୍ଲକ ଦକ୍ଷିଣାଞ୍ଚଳ ର ପ୍ରାୟ ଦଶଟି ପଞ୍ଚାୟତ ର ୮୦ହଜାର ରୁ ଅଧିକ ଲୋକ ଏଇ ପାନ ଉପରେ ଜୀବିକା ନିର୍ବାହ କରନ୍ତି ।କାଂ ଭାଁ ଲୋକଙ୍କୁ ଛାଡିଦେଲେ ପାନ କାର୍ଯ୍ୟରେ ଲିପ୍ତ ରୁହନ୍ତି । ପାନ ବରଜ ରେ ମାଟି ଦେବା ଲ ବାନ୍ଧିବା, ସପ୍ତାହକୁ ଦୁଇଥର ପାଣିଦେବା, ଲ ବାନ୍ଧିବା, ମୂଳରେ ମାଟି ଦେବା, ପାନ ଭାଙ୍ଗିବା, ପାନ ନଛିବା, ଭାଟି ଦେବା ସମେତ ବହୁ ଛୋଟ ବଡ଼ କାମରେ ସମସ୍ତେ ଲିପ୍ତ ରୁହନ୍ତି । ବିଶେଷ କରି ବାଲିଆପାଳ ର ପାନ ଦିଲ୍ଲୀ, ମୁମ୍ବାଇ, ବନାରସ, ହାଇଦ୍ରାବାଦ, କଲକାତା, ସୁରଟ ଇତ୍ୟାଦି ବିଭିନ୍ନ ରାଜ୍ୟରେ ଆଦର ଥିବାରୁ ଚାହିଦା ବଢିଛି । ପ୍ରଥମେ୩୦ବର୍ଷ ତଳେ ବାଲିଆପାଳ ପାନ କୁ ବନାରସି ଲୋକ କିଣିନେଇ ଭାଟି ମାଧମରେ ଗରମ କରି ପାଚିଲା ପତ୍ର କରି ବନାରସି ପାନ ନାମକରଣ କରି ଅନ୍ୟତ୍ର ବହୁ ମୂଲ୍ୟରେ ବିକ୍ରି କରୁଥିଲେ ।ଏ କଥା ଏ ଅଞ୍ଚଳର କିଛି ବ୍ୟବସାୟୀ ଜାଣି ପାରି ଏଇ ଭାଟି ଟେକ୍ନୋଲୋଜି ଶିଖିଯାଇ ଏଇଠୁ ଭାଟିଦେଇ ପାଚିଲା ପାନ ତିଆରି କରି ଦେବା ଆରମ୍ଭ କରିଥିଲେ । ସେଥିପାଇଁ ଏଠିକାର ପାନ ପତ୍ର ର ଚାହିଦା ବୃଦ୍ଧି ହୋଇପାରିଛି । ଦେଶୀ ପାନସହିତ ଚନ୍ଦ୍ର କଣା, କାଳିପାନ, ମିଠାପତ୍ର ଇତ୍ୟାଦି ପ୍ରକାରର ପାନ ଚାଷ କରାଯାଏ । ରତାଇ , ନୂଆଁଗାଁ ଓ ଆୟଚୁଆ ହାଟ ପାନ ବ୍ୟବସାୟ ର ମୁଖ୍ୟ କେନ୍ଦ୍ରସ୍ଥଳ । ଏହିଠାରୁ ଚାଷୀଠାରୁ ବ୍ୟବସାୟୀ ମାନେ ପାନ କିଣି ଆଣି ପାନ ନଛିବା ସହିତ ଭାଟି ଦେଇ ପାନଟୁକୁରି କରି ବାହାରକୁ ରପ୍ତାନି କରାଯାଏ । ପ୍ରାୟତଃ ପଞ୍ଚୁପାଲି, ଜମ୍ବୀରାଇ, ନୂଆଗାଁ, ରତାଇ, ଅଳାଡିହା, ବେତଗଡ଼ିଆ, ଡଗରା, ଚୌମୁଖ ଇତ୍ୟାଦି ପଞ୍ଚାୟତ ର ଲୋକ ପାନ ଚାଷ କରିବା ସହତ ଏଥିରେ ଜୀବିକା ନିର୍ବାହ କରନ୍ତି । କିନ୍ତୁ ସରକାର ଏଯାଏଁ ଏହାକୁ କୃଷିର ମାନ୍ୟତା ନ ଦେବା ଫଳରେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହାକୁ ଯଦି ଉଦ୍ୟାନ କୃଷିର ମାନ୍ୟତା ମିଳନ୍ତା ତେବେ ଚାଷୀମାନେ ଉପକୃତ ହୁଅନ୍ତେ ।ପାନ ବରଜ କରିବାକୁ ସରକାର ନା ପ୍ରୋତ୍ସାହନ ଯୋଗାଉଛନ୍ତି ନା କିଛି ସବ୍ସିଡି ଋଣର ବ୍ୟବସ୍ଥା କରାଯାଉଛି ।ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟରେ ବରଜ ର ବ୍ୟାପକ କ୍ଷୟକ୍ଷତି ହେଲେ ସରକାର କୌଣସି କ୍ଷତିପୂରଣ ଦିଅନ୍ତି ନାହିଁ, କିମ୍ବା କିଛି ଇନ୍ସୁରେନ୍ସ ର ସୁବିଧା ନ ଥିବାରୁ ଚାଷୀମାନେ ନାହିଁ ନ ଥିବା ଅସୁବିଧା ସହ କ୍ଷତି ସହି ଥାନ୍ତି ।ପାନ ସୋସାଇଟି ଟିଏ ବି ନାହିଁ, ବେଳେ ବେଳେ ବିଦେଶରେ ବ୍ୟବସାୟୀମାନେ ପ୍ରାପ୍ୟ ଟଙ୍କା ନ ଦେବାରୁ ବ୍ୟବସାୟୀ ମାନେ ମଧ ନିଜକୁ ସୁରକ୍ଷିତ ମନେ କରନ୍ତି ନାହିଁ । ଉନ୍ନତ ମାନର ଚାଷ ଏବଂ ଅଧିକ ଅମଳ ସହିତ ବଜାର ସୃଷ୍ଟି କରିବାର ତାଲିମ ମଧ ଚାଷୀ ମାନଙ୍କୁ ଦିଆଯାଉନାହିଁ । ଯାହା ଫଳରେ ପାନ ଚାଷ ପ୍ରତି ଲୋକଙ୍କ ଆଗ୍ରହ କମିଯିବା ସହିତ କିଛି ଲୋକ ଚାଷ ଛାଡି ଦେଲେଣି । ତେଣୁ ସରକାର ଏଥିପ୍ରତି ନଜର ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ତର୍କବିତର୍କ ପରେ ଛୁରା ମାଡ଼ : ଜଣେ ଗୁରୁତର

ବସ୍ତା, ୨୦/୦୪ (ନି.ପ୍ର): ବସ୍ତା ଥାନା କୋଲିଲି ସାହି ଗ୍ରାମରେ ସାଧାରଣ ବଚସାକୁ କେନ୍ଦ୍ରକରି ଛୁରା ମାଡ଼ ଘଟଣାରେ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ କରିଛି ପୋଲିସ । ସୂଚନାରୁ ପ୍ରକାଶ ଏହି ଗ୍ରାମରେ ଗତ ସମବାର ଦିନ ଠାକୁର ଗ୍ରାମରେ ବୁଲିବାକୁ କେନ୍ଦ୍ର କରି ରାଜେନ୍ଦ୍ର ଜେନା ବିଜୟ ଜେନା ଙ୍କ ମଧରେ ପ୍ରଥମେ ବଚସା ପରେ ଗଣ୍ଡଗୋଳ ରୂପ ଧାରଣ କରିଥିଲା । ଏହି ଗଣ୍ଡଗୋଳ ତୀବ୍ର ରୂପ ଧାରଣ କରିଥିଲା । ସେହି ଗ୍ରାମର ବିଜୟ କୁମାର ଜେନାଙ୍କୁ ଅଜୁ ଜେନା, ଅସିତ୍ ଜେନା, ଚନ୍ଦ୍ର ମୋହନ ଜେନା, ବିଜୟ ଜେନା, ପ୍ରଭାକର ଜେନା ଓ ସୃଷ୍ଟିଧର ଜେନା ଆସି ଏକ ଧାରୁଆ ଛୁରୀରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ବିଜୟ ଘଟଣାସ୍ଥଳରେ ଗୁରୁତର ଆହତ ହୋଇଥିଲେ । ବିଜୟଙ୍କ ପେଟ ଅନ୍ତ ବୁଜୁଳା ବାହାରି ଆସିଥିବା ବେଳେ ତାଙ୍କୁ ପ୍ରଥମେ ବାଲେଶ୍ୱର ପରେ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାତରିତ କରାଯାଇଥିଲା । ବିଜୟଙ୍କ ପକ୍ଷରୁ ଶ୍ରୀକାନ୍ତ ଜେନା ଥାନାରେ ଅଭିଯୋଗ କରିଥିବା ବେଳେ ୧୨୫/୨୩ ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ବେଳେ ସମସ୍ତ ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି । ତେବେ ଅପର ପକ୍ଷରୁ ରାଜେନ୍ଦ୍ର ଜେନା ମଧ୍ୟ ଅଭିଯୋଗ କରିଥିବା ବେଳେ ପୋଲିସ ୧୨୭/୨୩ ରେ ଅନ୍ୟ ଏକ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ସେବା ସମବାୟ ସମିତି ପକ୍ଷରୁ ଋଣ କର୍ମଶାଳା ଓ କୃଷକ ସମ୍ବର୍ଦ୍ଧନା

ବାଲେଶ୍ୱର, ୨୦/୦୪ (ନି.ପ୍ର): ଶ୍ରୀଜଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ପଞ୍ଚାୟତସ୍ତରୀୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା ଓ କୃଷକ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷି କ୍ଷେତ୍ର ପାଇଁ ସମବାୟ ବ୍ୟାଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଥିଲେ। କୃଷି କ୍ଷେତ୍ରରେ ଉନ୍ନତି ସହ ଚାଷୀଙ୍କୁ ସମବାୟ ସମିତି ମାଧ୍ୟମରେ କୃଷି ଋଣ ଉପଲବ୍ଧ କରାଇବାରେ ବାଲେଶ୍ୱର ଜିଲାକୁ ବିଶେଷ ସଫଳତା ମିଳିଛି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ (ବିବିସିସି) ବ୍ୟାଙ୍କ ସଭାପତି ଗଣେଶ ମହାପାତ୍ର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାଷୀମାନଙ୍କୁ ସହଜରେ ବ୍ୟାଙ୍କିଙ୍ଗ ସୁବିଧା ପ୍ରଦାନ ନେଇ ସମ୍ପ୍ରତି ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀଜଙ୍ଗ ସେବା ସମବାୟ ସମିତିର ସଭାପତି ସିମନ୍ ଦାସମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହିତ ସମିତି ଦ୍ୱାରା ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟା ବନ୍ଦିତା ନାୟକ, ବିବିସିସି ବ୍ୟାଙ୍କ ବାହାନଗା ଶାଖା ପରିଚାଳକ ନାରାୟଣ ମହାପାତ୍ର, ଶ୍ରୀଜଙ୍ଗ ସରପଞ୍ଚ କବିତା ସେଠୀ ଓ ସମିତି ସଭ୍ୟ ଗଣେଶ କୁମାର ମଳିକ, ମହାରାଜପୁର ସରପଞ୍ଚ ଶରତ ଚନ୍ଦ୍ର ପାଣି, ତାଳପଦା ସରପଞ୍ଚ ହରେନ୍ଦ୍ର ମଳିକ ଓ ସମିତି ସଭ୍ୟ ପ୍ରମୋଦିନୀ ଦାସ, ତୁଣ୍ଡରା ସରପଞ୍ଚ ଗଙ୍ଗାରାଣୀ ସାହୁ, ଇଞ୍ଚୁଡ଼ି ସରପଞ୍ଚ ମମତା ଜେନା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩ଲକ୍ଷ ୬୦ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଏଥି ସହିତ ୫ଟି ପଞ୍ଚାୟତର ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା ।ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ଅନୁଦାନରେ ନିର୍ମିତ ହେବାକୁ ଥିବା ସେବା ସମବାୟ ସମିତିର ନୂତନ ଗୃହର ଶିଳାନ୍ୟାସ କରିଥିଲେ।

## ଗାଳ୍ପିକ ଗଂଗାଧର ବିଶ୍ୱାଳଙ୍କୁ 'ରଙ୍ଗରାଗ' ଗଳ୍ପ ସମ୍ମାନ



ବାଲେଶ୍ୱର, ୨୦/୦୪ (ନି.ପ୍ର): ବିଶିଷ୍ଟ ଗାଳ୍ପିକ ଗଂଗାଧର ବିଶ୍ୱାଳ ଚଳିତ ବର୍ଷ ରଙ୍ଗରାଗ ଗଳ୍ପ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆସନ୍ତା ୩୦ ତାରିଖ ରବିବାର ବାସୁଦେବପୁରସ୍ଥିତ ରଙ୍ଗରାଙ୍ଗ ସାହିତ-ସଂସ୍କୃତି ପରିଷଦର ୧୨ଶ ବାର୍ଷିକ ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଯିବାର କାର୍ଯ୍ୟକ୍ରମ ରହିଥିବା ବିଷୟ ଅନୁଷ୍ଠାନ ସୂତ୍ରରୁ ଜଣାପଡ଼ିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଲେଶ୍ୱରର ଗାଳ୍ପିକ ଗଂଗାଧର ତାଙ୍କର ଦୀର୍ଘବର୍ଷର ସାହିତ୍ୟ ସାଧନାରେ ସକ୍ରିୟ ରହି ଅଦ୍ୟାବଧି ୧୧ଟି ଗଳ୍ପ ପୁସ୍ତକ, ୪ଟି ଉପନ୍ୟାସ ଓ ୩ଟି କାବ୍ୟ/କବିତା ପୁସ୍ତକ ପ୍ରକାଶ କରି ନିଜର ବହୁବିଧ ପ୍ରତିଭାର ଅଧିକାରୀ ହେବା ସଂଗେ ସଂଗେ ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ତରଫରୁ ସମ୍ମାନ, ପୁରସ୍କାର ଓ ସମ୍ବର୍ଦ୍ଧନା ସାଙ୍ଗକୁ ଓଡ଼ିଆ ଗଦ୍ୟ ସାହିତ୍ୟରେ ଜଣେ ସଫଳ ସ୍ରଷ୍ଟା ଭାବରେ ଲେଖକ ଓ ପାଠକ ମହଲରେ ଆଦୃତ ହୋଇ ରହିଛନ୍ତି । ନିକଟରେ ତାଙ୍କର 'ଶ୍ରେଷ୍ଠଗଳ୍ପ' ପୁସ୍ତକ ଓ 'ସନା ଏ ସନାତନ' ଗଳ୍ପ ପୁସ୍ତକ ବେଶ ଆଦୃତି ଲାଭ କରିଛି ।

## ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ଅବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନ ଚେତାବନୀ ଦେଲା ନୀଳଗିରି ରକ୍ତଦାତା ସଂଘ



ନୀଳଗିରି, ୨୦/୦୪ (ନି.ପ୍ର): ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ସଂପ୍ରତି ଚରମ ଅବ୍ୟବସ୍ଥା ମଧ ଦେଇ ଗତି କରୁଛି । ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ନାହାଁନ୍ତି । ଭେଷଜ ବିଶେଷଜ୍ଞ, ନିଶ୍ଚେତକ, ନାଶା, ଗଳା, କର୍ଣ୍ଣ, ବିଶେଷଜ୍ଞ ଆଦି ବିଭିନ୍ନ ବର୍ଗର ଡାକ୍ତରଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇ ନାହିଁ । ଏପରିକି ଚକ୍ଷୁ ବିଭାଗର ଓପିଡି ମଧ କାର୍ଯ୍ୟକ୍ଷମ ହେଉ ନାହିଁ । ଇ.ସି.ଜି., ଅଲଟ୍ରାସାଉଣ୍ଡ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ମେସିନ୍ କାର୍ଯ୍ୟକ୍ଷମ ହେଉ ନାହିଁ । ଏପରିକି ଶବ ରଖିବା ପାଇଁ ଫ୍ରିଜ ମରାମତି କରାଯାଉ ନାହିଁ । ଜିଲ୍ଲା ପ୍ରଶାସନ ସତ୍ତ୍ୱେ ନୂତନ ଗୃହର ଉପରତାଲାକୁ ରୋଗୀମାନଙ୍କୁ ନେବା ଆଣିବା କରିବା ପାଇଁ ଲିଫ୍ଟ କିମ୍ବା ର୍ୟାମ୍ପର ବ୍ୟବସ୍ଥା କରାଯାଉ ନାହିଁ। ବର୍ତ୍ତମାନ ଗ୍ରୀଷ୍ମଋତୁ ଯୋଗୁଁ ପ୍ରବଳ ଗରମ ହେବା ଫଳରେ ରୋଗୀ କିମ୍ବା ତାଙ୍କର ସହାୟକଙ୍କୁ ଗରମ ଦାଉରୁ ରକ୍ଷା ପାଇଁ ଏସି କିମ୍ବା କୁଲର ବ୍ୟବସ୍ଥା କରା ନ ଯିବା ଫଳରେ ଅଂଶୁଘାତ ହେବାର ଭୟ ରହୁଛି । ନୀଳଗିରି ରକ୍ତ କେନ୍ଦ୍ରରେ ଗୁରୁତର ରକ୍ତ ସଂକଟ ଦେଖାଦେଇଛି । ଏପରିକି ରକ୍ତଦାତା ଓ ରକ୍ତଦାନ ଶିବିର ଆୟୋଜକମାନଙ୍କୁ ନିରୁତ୍ସାହିତ କରାଯାଉଛି । ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ପକ୍ଷରୁ ନୀଳଗିରି ଉପଖଣ୍ଡ ଅଂଚଳରେ ଆୟୋଜିତ ହେଉଥିବା ରକ୍ତଦାନ ଶିବିରରୁ ରକ୍ତସଂଗ୍ରହ ପାଇଁନୀଳଗିରି ରକ୍ତ କେନ୍ଦ୍ରକୁ ସୁଯୋଗ ମିଳୁ ନାହିଁ । ଏନେଇ ଗତ ମାର୍ଚ୍ଚ ମାସରେ ନୀଳଗିରି କ୍ରିୟାନୁଷ୍ଠାନ କମିଟି ତରଫରୁ ପ୍ରଶାସନକୁ ଅବଗତ କରାଯାଇ ଧାରଣା ଦେବାର ଚେତାବନୀ ଦେବା ପରେ ୧୫ଦିନ ମଧ୍ୟରେ ସମାଧାନର ପ୍ରତିଶୃତି ଦିଆଯାଇଥିଲା । ମାତ୍ର ଏପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇ ନାହିଁ । ଏଣୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ନୀଳଗିରି ରକ୍ତକେନ୍ଦ୍ରର ଅବ୍ୟବସ୍ଥାର ସ୍ଥାୟୀ ପ୍ରତିକାର ନ ହେଲେ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ଆସନ୍ତା ମେ ମାସ ପ୍ରଥମ ସପ୍ତାହରେ ଚିକିତ୍ସାଳୟ ସମ୍ମୁଖରେ ଆମରଣ ଅନଶନ ଓ ଗଣଧାରଣା ଦିଆଯିବ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ରକ୍ତଦାତା ସଂଘର ସଂପାଦକ ବିଜୟ କୁମାର ପାତ୍ର, ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତ, ସଦସ୍ୟ ହେମନ୍ତ୍ର ସେଠୀ ପ୍ରମୁଖ କହିଛନ୍ତି ।

## ବାଇକ ଆରୋହୀଙ୍କ ଆକ୍ରମଣରେ ଦୋକାନୀ ଆହତ

ବାଲେଶ୍ୱର, ୨୦/୦୪ (ନି.ପ୍ର): ରିକ୍ସା ଚାଳକ ସହ ଦୁର୍ଘଟଣା ଘଟାଇ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ପରିବର୍ତ୍ତେ ଖସି ପଳାଇ ଯାଉଥିବା ବାଇକ ଚାଳକକୁ ଅଟକାଇଥିବା ଦୋକାନୀ ଭୁଜାଲି ଆକ୍ରମଣର ଶିକାର ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଗୁରୁବାର ସକାଳେ ସହରର କଚେରୀ ଗଡ଼ାଣରେ ଏକ ରିକ୍ସା ସହ ଓଡି୦୧ଏପି/୬୦୦୩ ନଂ ବିଶିଷ୍ଟ କେଟିଏମ ବାଇକ ଧକ୍କା ହୋଇଥିଲା ।ଏହି ଦୁର୍ଘଟଣାରେ ରିକ୍ସା ଚାଳକଙ୍କ ସମେତ ରିକ୍ସାରେ ବସିଥିବା ଦୁଇ ଯାତ୍ରୀ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଦୋକାନୀ ଓ ପଥଚାରୀମାନେ ଉଦ୍ଧାର କରୁଥିବା ବେଳେ ବାଇକ ଆରୋହୀ କସମିଳା ଅଞ୍ଚଳର ଯୁବକ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲା। ସ୍ଥାନୀୟ ମୋଟର ଯାନ ସିଟ କଭର ଦୋକାନୀ ଟାଉନଥାନା ଅନ୍ତର୍ଗତ ଫୁଲବଜାର ଅଞ୍ଚଳର ମିନାହାଜ କାଦ୍ରିଙ୍କ ସମେତ ଅନ୍ୟମାନେ ତାଙ୍କୁ ଅଟକାଇବା ସହ ଆହତଙ୍କୁ ଡାକ୍ତରଖାନା ନେବାରେ ସହଯୋଗ କରିବାକୁ କହିଥିଲେ। ମାତ୍ର ସେ କାହା କଥା ନ ମାନି ସେଠାରୁ ଖସି ପଳାଇଯାଇଥିଲା। ଆହତମାନଙ୍କୁ ସ୍ଥାନୀୟ ଲୋକେ କୌଣସି ମତେ ହସପିଟାଲକୁ ନେଇଯାଇଥିଲେ। ମାତ୍ର ୧୦ ମିନିଟ ପରେ ଦୁର୍ଘଟଣା ଘଟାଇଥିବା ବାଇକ ଆରୋହୀ ସହଯୋଗୀଙ୍କ ସହ ଆସି ସିଟ କଭର ଦୋକାନୀ ମିନାହାଜ କାଦ୍ରିଙ୍କୁ ଛୁରା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ତେବେ ପାଖ ଦୋକାନୀମାନେ ଘେରିଯିବାରୁ ସେମାନେ ସେଠାରୁ ପଳାଇଯାଇଥିଲେ। ଆହତ ମିନାହାଜଙ୍କୁ ସ୍ଥାନୀୟ ଲୋକେ ଡାକ୍ତରଖାନା ନେଇ ଚିକିତ୍ସା କରାଇଛନ୍ତି। ଏନେଇ ସହଦେବଖୁଣ୍ଟା ଥାନାରେ ସେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ନୀଳଗିରି ଏନ.ଏ.ସି. ଅଫିସ ସମ୍ମୁଖରେ ଧାରଣା ଦେଲେ ଭେଣ୍ଡିଂ ଜୋନ୍ ବ୍ୟବସାୟୀ



ନୀଳଗିରି, ୨୦/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ସହରରେ ଦିନକୁ ଦିନ ବଢ଼ିଚାଲିଥିବା ଜନ ସମାଗମ କୁ ଆଖି ଆଗରେ ରଖି ପ୍ରଶାସନ ତରଫରୁ ବିଭିନ୍ନ ପରିବା ବ୍ୟବସାୟୀଙ୍କୁ ନୀଳଗିରି ରାଡାର ରାସ୍ତା ପାର୍ଶ୍ୱରେ ଭେଣ୍ଡିଂ ଜେନା୍ ନିର୍ମାଣ କରି ଥଇଥାନ କରିଥିଲା । ମାତ୍ର କିଛି ଅମାନିଆ ବ୍ୟବସାୟୀ ସହର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ବସି ବ୍ୟବସାୟ କରିବା ଫଳରେ ଭେଣ୍ଡିଂ ଜୋନରେ ବସି ବେପାର କରୁଥିବା ବ୍ୟବସାୟୀଙ୍କ କାରବାରରେ ମାନ୍ଦାବସ୍ଥା ଉପୁଜିଥିଲା । ଫଳରେ ଉକ୍ତ ଭେଣ୍ଡିଂ ଜୋନରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଉପଜିଲ୍ଲାପାଳ, ଏନ.ଏ.ସି. କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଥିଲେ ।ମାତ୍ର ଏପର୍ଯ୍ୟନ୍ତ ତାହାର ସ୍ଥାୟୀ ପ୍ରତିକାର ନ ହେବା ଏବଂ ପରିବାର ପ୍ରତିପୋଷଣ ରେ ଘୋର ବାଧା ଉପୁଜିବା ଫଳରେ ଗୁରୁବାର ଏନ.ଏ.ସି. ଅଫିସରେ ତାଲା ପକାଇ ଧାରଣାରେ ବସିଥିଲେ । ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହୋଇଛି ସେ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ବ୍ୟବସାୟୀମାନେ ଅଡ଼ି ବସିଥିଲେ । ଖବର ପାଇ ନୀଳଗିରି ତହସିଲଦାର ରଂଜନ ବେହେରା, ନୀଳଗିରି ଆଇ.ଆଇ.ସି. ଗୋପାଳ ଚନ୍ଦ୍ର କର୍ଣ୍ଣ, ଏନ.ଏ.ସି. ନିର୍ବାହୀ ଅଧିକାରୀ ଅକ୍ଷୟ ବଡ୍ଡୁ, ଏନ.ଏ.ସି. ଅଧ୍ୟକ୍ଷାଙ୍କ ପ୍ରତିନିଧି ଶରତ ଦାସ ଧାରଣାସ୍ଥଳରେ ପହଂଚି ଅଗାାମୀ ସାତ ଦିନ ମଧ୍ୟରେ ସବୁ ପ୍ରକାର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ୨ ଦିନିଆ ଏସିଇବିସିର ୨ୟ ପର୍ଯ୍ୟାୟ ଗଣନା ପ୍ରଶିକ୍ଷଣ ଶିବିର

ଜଳେଶ୍ୱର, ୨୦/୪(ନି.ପ୍ର) : ଉତ୍ତର ବାଲେଶ୍ୱରରେ ସାମାଜିକ ଆର୍ଥିକ ଅନଗ୍ରସର ଜାତି (ଏସ୍ଇବିସି) ବ୍ୟକ୍ତି ଜଳେଶ୍ୱର ଅଂଚଳରେ ଅଧିକ ବାସ କରନ୍ତି । ତେଣୁ ଜିଲାର ଜଳେଶ୍ୱର ବ୍ଲକରେ ଏଥିଲାଗି ଲାଗି ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି । ଜଳେଶ୍ୱର ଆଇସ୍କୁଲ ପରିସରରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ ହୋଇଛି । ଏଥିରେ ୭୭ଜଣ ଅଂଗନୱାଡି କର୍ମୀଙ୍କୁ ଜଳେଶ୍ୱର ତହସିଲଦାର ମିହିର ରଂଜନ ବେହେରା, ନିଳଗିରି ଉପଜିଲାପାଳ ମନ୍ଦର ଧର ମହାଳିକ, ଜଳେଶ୍ୱର ପୌର ଅଧିକାରୀ ଅଜୟ ମହାପାତ୍ର, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ମହାପାତ୍ର, ଜିପିଓ ସୁଜୟ ଚାନ୍ଦ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କିନ୍ତୁ ପ୍ରବଳ ରୌଦ୍ରତାପ ଯୋଗୁଁ ସକାଳ ୭ଟାରେ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବେଳେ ୧୦ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା ।

## ଝୁଲନ୍ତା ଅବସ୍ଥାରେ ମିଳିଲା ନିଖୋଜ ଯବାନଙ୍କ ମୃତଦେହ

ଭୁବନେଶ୍ୱର, ୨୦/୦୪ (ନି.ପ୍ର): ଝୁଲନ୍ତା ଅବସ୍ଥାରେ ମିଳିଲା ନିଖୋଜ ଯବାନଙ୍କ ମୃତଦେହ ଯାଜପୁର ଧାନମଣ୍ଡଳ ସ୍ଥିତ ପାହାଡ଼ରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ଜଗତସିଂପୁର ଜିଲ୍ଲା ଏରସମା ଥାନା ସୋମ ପୁର ଗ୍ରାମ ର ସୂର୍ଯ୍ୟକାନ୍ତ କୁଅଁର ବୋଲି ଜଣା ପଡିଛି । ଉଲ୍ଲେଖନୀୟ ଯେ ଯବାନ ସୂର୍ଯ୍ୟକାନ୍ତ କୁଆଁର ୧୭ ତାରିଖ ରୁ ନିଖୋଜ ରହିଥିଲେ । ଦୁଇ ଦିନ ପୂର୍ବରୁ ଯବାନଙ୍କ ବାଇକ ଟି ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅଧୀନ ଧାନମଣ୍ଡଳ ନିକଟ ପାହାଡ଼ ପାଖରୁ ବାଇକ ପୋଲିସ ଜବତ କରିଥିଲା ।

## ନୂଆସାହି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଆଲୋଚନା ଚକ୍ର




ଉଦଳା, ୨୦/୦୪ (ନି.ପ୍ର): ସମାଜ ଅଗ୍ରଗତି କରିଲେ ଦେଶ ଅଗ୍ରଗତି କରିବା ନିଶ୍ଚିତ । ସେଥିପାଇଁ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ନୂଆସାହି ମହାବିଦ୍ୟାଳୟରେ ଆୟୋଜିତ ଦିନିକିଆ ଅନ୍ତର୍ଜାତୀୟ ଆଲୋଚନା ଚକ୍ରର ଶିର୍ଷକ । " ଭାରତକୁ ବିକାଶଶୀଳ କରିବାରେ ପ୍ରଯୁକ୍ତି ବିଦ୍ୟାର ଭୂମିକା ବିଷୟ ବସ୍ତୁରେ ଇ. ମନୋଜ ପାତ୍ର, ଉପ ସଭାପତି ନୋଭେ ଟେକ୍ନୋଲୋଜି, କାର୍ଲିଫର୍ଣ୍ଣିଆ, ଆମେରିକା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ । ସମାଜକୁ ବିକଶିତ କରିବା ପାଇଁ ଅର୍ଥ ନୁହେଁ ମନର ଆବଶ୍ୟକତା ରହିଛି । ଯାହାକି ସେ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷା ଡ଼ଃ ଲିପିକା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ଅନ୍ୟତମ ଅତିଥି ଭାବେ ଅବସର ପ୍ରାପ୍ତ ବୈଜ୍ଞାନିକ ଡ଼ିଆରଡ଼ିଓ , ଚାନ୍ଦିପୁର, ବାଲେଶ୍ୱରର ଶ୍ରୀଯୁକ୍ତ ମୁରଲିଧର ପାତ୍ର ଯୋଗଦେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ସହିତ ଦୈନନ୍ଦିନ ଜୀବନର ପତ୍ୟେକକ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଅବଶ୍ୟକତାକୁ ଅନୁଭବ କରାଯାଉଛି ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷାର୍ଥୀମାନେ ପ୍ରଯୁକ୍ତି ବିଦ୍ୟାକୁ ଯେତେ ନିଜର କରିବେ ସମାଜ ସେତେ ବିକଶିତ ହୋଇପାରିବ ବୋଲି ନିଜର ଭାବ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ଡ଼ଃ ଚନ୍ଦ୍ର କୁମାର ପଟ୍ଟନାୟକ ଆଲୋଚନା ଚକ୍ରରେ ଯୋଗ ଦେଇ ବ୍ୟକ୍ତିଗତ ଜୀବନରେ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ନିଜର ମତ ବ୍ୟକ୍ତ କରିଥିଲେ । ଆଇ. କ୍ୟୁ. ଏସି. ସଂଯୋଜକ ଡ଼ଃ ନିବାରଣ ଶତପଥୀ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେଡ଼ଃ ମମତା ମହାନ୍ତି ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହା ପରେ ଜାତୀୟ ସଙ୍ଗୀତ ସମସ୍ତଙ୍କ ଦ୍ୱାରା ଗାନ କରାଯାଇଥିଲା। ଉକ୍ତ ଆଲୋଚନା ଚକ୍ରରେ ବିଭିନ୍ନ ମହାବିଦ୍ୟାଳୟ ଯଥା:- କପ୍ତିପଦା ମହାବିଦ୍ୟାଳୟ କପ୍ତିପଦା, ମେଘାସନ ମହାବିଦ୍ୟାଳୟ, ନୁଦଢ଼ିହା, ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟ, ଖୁଣ୍ଟା, ବି.ବି. ମହାବିଦ୍ୟାଳୟ, ବାଇଗଣ ବାଡିଆ, ର ଶିକ୍ଷାର୍ଥୀଙ୍କ ସହିତ ବିଭିନ୍ନ ବିଭାଗର ଅଧାପକ ଓ ଅଧାପିକା ଯୋଗ ଦାନ କରିବା ସହିତ ନିଜର ସଂଦର୍ଭ ଉପସ୍ଥାପନ କରିଥିଲେ । ନୂଆସାହି ମହାବିଦ୍ୟାଳୟର ଶିକ୍ଷାର୍ଥୀ ଏବଂ ଅଧାପିକା ନିଜର ସଂଦର୍ଭକୁ ଉପସ୍ଥାପନ କରିଥିଲେ । ମହାବବିଦ୍ୟାଳୟର ଅଧାପିକା ଡ଼ଃ ମମତା ମହାନ୍ତି ଏବଂ ଅଧାପକ ବିଭୁ ରଞ୍ଜନ ବିଶ୍ୱାଳ ଦୁଇଟି ଟେକ୍ନିକାଲ ସେସନକୁ ପରିଚାଳନା କରିଥିବା ବେଳେ ସଂଦର୍ଭ ଗୁଡ଼ିକୁ ମୂଲ୍ୟାୟନ କରିଥିଲେ । ସଂଦର୍ଭ ପ୍ରଦାନ କରିଥିବା ଶିକ୍ଷାର୍ଥୀ, ଅଧାପିକା ଏବଂ ଅଧାପକ ଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆଲୋଚନା ଚକ୍ରର ପ୍ରମାଣ ପତ୍ରପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟ ତରଫରୁ ଅତିଥିଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଶେଷରେ ମହାବିଦ୍ୟାଳୟର ଅଧାପକ ଲମ୍ବୋଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆଲୋଚନା ଚକ୍ରକୁ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀ ଉପସ୍ଥିତ ରହି ସାଫଲ୍ୟ ମଣ୍ଡିତ କରିଥିଲେ ।"

## ଜନଶିକ୍ଷଣ ସଂସ୍ଥାନ ଭଦ୍ରକ ତରଫରୁ ଜି ୨୦ କାର୍ଯ୍ୟକ୍ରମ ପାଳିତ



ଭଦ୍ରକ, ୨୦/୦୪ (ନି.ପ୍ର): ଜନଶିକ୍ଷଣ ସଂସ୍ଥାନ, ଭଦ୍ରକ ତରଫରୁ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଜି ୨୦ କାର୍ଯ୍ୟକ୍ରମ ଆଜି ୨୦ ତାରିଖରେ ଉଦ୍ଯାପିତ ହୋଇଛି। ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ମାଧ୍ୟମରେ ଜନ ସଚେତନତା, ଯୋଗ, ରଚନା ଲିଖନ, ଲେକ୍ଚର୍ ସିରିଜ୍, ସ୍ଲୋଗାନ୍ ଲିଖନ ପ୍ରତିଯୋଗିତା, କୁଇଜ୍, ବୃକ୍ଷରୋପଣ, ମୁଖଚିତ୍ର ପ୍ରତିଯୋଗିତା, ରଂଗୋଲୀ ପ୍ରତିଯୋଗିତା କରାଯିବା ସହ ଆଜି ଉଦ୍ଯାପନୀ ଦିବସରେ ଭଦ୍ରକ ଜିନଶିକ୍ଷଣ କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଗାୟତ୍ରୀ ବେହେରା ଏବଂ ସମ୍ମାନନୀୟ ଅତିଥି ଭାବେ କର୍ମନିୟୋଜନ କାର୍ଯ୍ୟାଳୟର କମ୍ପ୍ୟୁଟର ଅପରେଟର ଇତିଶ୍ରୀ ବେହେରା ଯୋଗ ଦେଇ ଜି ୨୦ ଜନ ଭାଗିଦାରୀ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲାରେ ଅନୁଷ୍ଠିତ ମୋଟ ୨୦ ଦିନର କାର୍ଯ୍ୟକ୍ରମରେ ମୋଟ ୭୧୪ ଜଣ ବିଭିନ୍ନ ବିଭାଗର ପ୍ରତିଯୋଗୀ ଭାଗ ନେଇଥିଲେ। ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଆରତୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ୍ ଅଫିସର ମିଲୁ କୁମାର ମହନ୍ତ, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ଗଜେନ୍ଦ୍ର କୁମାର ସାହୁ, ରଶ୍ମିରଂଜନ ସାହୁ, ବିଶ୍ୱଜିତ୍ ବେହେରା, ସବିତା ଯେନା ପରିଚାଳନା କରିଥିଲେ।

## ଜୟଦବକସବାରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପ୍ରସ୍ତୁତି ଚୂଡ଼ାନ୍ତ

ବାଲେଶ୍ୱର, ୨୦/୦୪ (ନି.ପ୍ର): ଆସନ୍ତା ୨୩ ତାରିଖ ଅକ୍ଷୟ ତୃତୀୟାରେ ସଦର ବ୍ଲକ ଅନ୍ତର୍ଗତ ଜୟଦେବକସବା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ହନୁମାନଙ୍କ ପ୍ରସ୍ତର ମୂର୍ତ୍ତି ପ୍ରତିଷ୍ଠା ନେଇ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ନେଇ ଆୟୋଜିତ ବୈଠକରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବର ରୂପରେଖ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅକ୍ଷୟ ତୃତୀୟା ସକାଳେ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ପରେ ଯଜ୍ଞ କର୍ମକାଣ୍ଡ, ଚଣ୍ଡିପାଠ, ଷୋଡ଼ଶ ଉପଚାର ପୂଜା ସାଙ୍ଗକୁ ବିଗ୍ରହ ପ୍ରତିଷ୍ଠା ପ୍ରଭୃତି ଅନୁଷ୍ଠିତ ହେବ। ପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ମୟୁରଭଂଜ ଗସ୍ତ

## ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଭିତ୍ତିଭୂମି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା



ବାରିପଦା, ୨୦/୦୪ (ନି.ପ୍ର): ଆଜି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୟୁରଭଂଜ ଗସ୍ତରେ ଆସି ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଗୁଡିକର ଭିତିଭୂମି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଭିଡ଼ିଓ କନଫରେନସିଙ୍ଗ ଜରିଆରେ ସମୀକ୍ଷା କରିଥିଲେ. ବିଶେଷ କରି ଜିଲ୍ଲାରେ ରେଳବାଇ, ଜାତୀୟ ରାଜପଥ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଶକ୍ତି, ଗମନା ଗମନ, ବସଷ୍ଟାଣ୍ଡ ନିର୍ମାଣ, ମେଡିକାଲ କଲେଜ ଗୃହ, ଜିଲ୍ଲା ଅଦାଲତ ଗୃହ ନିର୍ମାଣ ଇତ୍ୟାଦିର ଭିତିଭୂମି ବିକାଶ ପାଇଁ କାର୍ଯ୍ୟ ଧାରାକୁ ବିଭାଗୀୟ ସମନ୍ୱୟରେ ତରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ. ପ୍ରକଳ୍ପ କାର୍ଯ୍ୟ ଗୁଡିକ ପାଇଁ ଜମି ଯୋଗାଇବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି ରାଜସ୍ୱ ବିଭାଗ ଓ ବନ ବିଭାଗ । ତେଣୁ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଜମି ଆବଣ୍ଟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା କୁ ସମାଧାନ କରି ଜମି ପାଇଁ ଯେମିତି ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ନହୁଏ ସେଥିପ୍ରତି ଯତ୍ନବାନ ହେବା ପାଇଁ ସମସ୍ତ ତହସିଲଦାର ଓ ପଦସ୍ଥ ବନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ. ସେହିପରି ତହସିଲ କାର୍ଯ୍ୟାଳୟରୁ ଜନସାଧାରଣ ପାଉଥିବା ବିଭିନ୍ନ ପ୍ରକାର ପ୍ରମାଣ ପତ୍ର ଓ ଅନ୍ୟାନ୍ୟ ସରକାରୀ ସୁବିଧା ଗୁଡିକ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଯୋଗାଇ ଦେବାପାଇଁ ତହସିଲଦାର ମାନଙ୍କୁ ପରାମର୍ଶ ଦେଇଥିଲେ । ଜଙ୍ଗଲରେ ଜୀବଜନ୍ତୁଙ୍କ ତୃଷା ନିବାରଣ ପାଇଁ କୃତ୍ରିମ ଗଡିଆ ନିର୍ମାଣ, ପାଣିଟାଙ୍କିର ବ୍ୟବସ୍ଥା, ବନାଗ୍ନି ରୋକିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଜଙ୍ଗଲ ନିକଟବର୍ତ୍ତୀ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କୁ ସେମାନଙ୍କ ଭାଷାରେ ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ବ୍ୟାପକ ସଚେତନତା ସୃଷ୍ଟି କରାଇବା ସହ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଦ୍ୱାରା ସେମାନଙ୍କୁ ଉତମ ଭାବେ ବୁଝାଇବା, କର୍ମ ନିଯୁକ୍ତି ମାଧ୍ୟମରେ ସେମାନଙ୍କ ଜୀବନ ଜୀବିକା ରେ ସ୍ଥାୟୀତ୍ୱ ଆଣି ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଯଦ୍ୱାରା ସେମାନେ ଜଙ୍ଗଲରେ ନିଆଁ ଲଗାଇବା କାର୍ଯ୍ୟରୁ ନିବୃତ ହେବେ ଏବଂ ବ୍ୟାପକ ବନିକରଣ କାର୍ଯ୍ୟକ୍ରମ ଇତ୍ୟାଦି କରିବାକୁ ପଦସ୍ଥ ବନ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ. ଅନୁଷ୍ଠିତ ଉକ୍ତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଆର.ସି.ସି.ଏଫ. ପ୍ରକାଶ ଚାନ୍ଦ ଗୋଗନେନି, ଅତିରିକ୍ତ ଜିଲ୍ଲକ୍ଷପାଳ ରୁଦ୍ର ନାରାୟଣ ମହାନ୍ତି, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ବାରିପଦା ତହସିଲଦାର ବିକ୍ରମ କିଶୋର ପରିଡା, ଶ୍ୟାମାଖୁଣ୍ଟା ତହସିଲଦାର ରାଧା ରଞ୍ଜନ ଦାସ, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ. ଜିଲ୍ଲାର ଅନ୍ୟାନ୍ୟ ତହସିଲଦାର, ବନ ଅଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଆଭାସୀ ଜରିଆରେ ସଂଯୁକ୍ତ ହୋଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବାରିପଦା ସ୍ଥିତ ଶହୀଦ ପଡିଆ ଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱିତୀୟ ବାସ ସ୍ଥଳ ପରିଦର୍ଶନ କରି ଜରାଜୀର୍ଣ୍ଣ ଅବସ୍ଥା ରେ ଥିବା ଉକ୍ତ ସ୍ଥାନକୁ ଖୁବ ଶୀଘ୍ର ପୁନଃରୁଦ୍ଧାର କରାଯାଇ ଏକ ନୂତନ ରୂପ ଦିଆଯିବ ବୋଲି ପ୍ରକାଶ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo